

ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ସହାୟକ ଉପକରଣ ବଣ୍ଟନ ସମାରୋହ

# 'ସମସ୍ତଙ୍କୁ ସମାନ ଭତ୍ତା ପ୍ରଦାନ କରାଯାଉ'

ଯାଜପୁର, ୧୭ ।୧(ସମିସ)

ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ବିଭିନ୍ନ ଯୋଜନା ରହିଛି। ସରକାରୀ ଓ ବେସରକାରୀ ସ୍ତରରେ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ସମସ୍ତ ସୁବିଧା ସୁଯୋଗକୁ ଦିବ୍ୟାଙ୍ଗଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରଶାସନ ସବୁବେଳେ ଉଦ୍ୟମ କରିବା ଆବଶ୍ୟକ। ରାଜ୍ୟ ସରକାର ନିକଟରେ ୮୦ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରି ଅନ୍ୟ ଦିବ୍ୟାଙ୍ଗଙ୍କ ପ୍ରତି ବାଛ ବିଚାର କରୁଛି। ତେଣୁ ସମସ୍ତ ଦିବ୍ୟାଙ୍ଗଙ୍କୁ ସମାନ ପରିମାଣର ଭତ୍ତା ପ୍ରଦାନ କରିବାକୁ ଯାଜପୁର ବିଧାୟିକା ସୁଜାତା ସାହୁ ଆଜି ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ କେନ୍ଦ୍ର ସରକାରଙ୍କ ଆଲିମକୋ ସଂସ୍ଥା ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ସହାୟକ ଉପକରଣ ବଣ୍ଟନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି।




ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ ଦିବ୍ୟାଙ୍ଗଙ୍କୁ କେବଳ ଟ୍ରାଇସାଇକଲ କିମ୍ବା ହୁଇଲଚେୟାର ବଣ୍ଟନ କରାଯାଉନି। ବରଂ ପ୍ରତ୍ୟେକ ଦିବ୍ୟାଙ୍ଗଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ମଧ ବଣ୍ଟନ କରାଯାଉଛି। ଯାହାର ସୁଯୋଗ ନେବା ପାଇଁ ସେ ପରାମର୍ଶ ଦେଇଥିଲେ। ଯାଜପୁର ସାଂସଦଙ୍କ ପ୍ରତିନିଧି ବସୁବନ୍ଧୁ ଦାସ, ଆଲିମକୋ କମ୍ପାନୀର ମୁଖ୍ୟ ଏ.ଭି. ଅଶୋକ କୁମାର ଯୋଗଦାନ କରି ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସମସ୍ତ ସରକାରୀ ଯୋଜନାରେ ସେମାନଙ୍କୁ ସାମିଲ କରିବା ପାଇଁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୋଟ ୬୪ଟି ବ୍ୟାଟେରୀଚାଳିତ ଟ୍ରାଇସାଇକଲ, ୫୨ଟି ହାତଚାଳିତ ଟ୍ରାଇସାଇକଲ, ୨୩୨ଟି ହୁଇଲଚେୟାର, ୨୬୨ଟି ଶ୍ରବଣ ଯନ୍ତ୍ର, ୩୨ଟି ସ୍ମାର୍ଟ ଫୋନ, ୫୦ଟି ସ୍ମାର୍ଟ କେନ୍ ଓ ଅନ୍ୟାନ୍ୟ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ବାସୁଦେବ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା, କମଳାକାନ୍ତ ଫାଉଣ୍ଡେସନ ଟ୍ରଷ୍ଟ ସଭାପତି ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ମିଳିବା ଉପରେ ଜୋର ଦେଇଥିଲେ।

## ଜିନ୍ଦଲ ପ୍ଲାଣ୍ଟରେ ଦୁର୍ଘଟଣା; ଜଣେ ଗୁରୁତର

ଦାନଗଦି,୧୭।1(ସମିସ): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟର ଏସ୍ଏମଏସ୍ (ଷ୍ଟିଲ୍ ମେଲଟିଂ ସପ୍) ସାଇଡ୍‌ରେ ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଠିକା ଶ୍ରମିକ ଜଣକ ପାଣିକୋଇଲି ଥାନା ଶଙ୍ଖଚିଲା ଠାକୁରପାଟଣାର ତପନ କୁମାର ମଲିକ (୨୬)। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସେ ଉଇଁଟେକ ନାମକ ଏକ ଠିକା ସଂସ୍ଥା ଅଧୀନରେ ଠିକା ଶ୍ରମିକ ଭାବେ କାମ କରନ୍ତି।

## ଶଶିଭୂଷଣ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ବ୍ୟାସନଗର,୧୭।୧(ସମିସ): ବ୍ୟାସନଗର ସହରସ୍ଥ ଶଶୀଭୂଷଣ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଭରତ ଓଝା, ଜ୍ୟୋତ୍ସ୍ନାମୟୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀସଙ୍ଗୀତା ପଣ୍ଡା ସଭା ପରିଚାଳନା, ଅତିଥି ପରିଚୟ ଓ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଅନୀତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କାୟାକଳ୍ପ ଟିମ୍‌ର ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ସୁକିନ୍ଦା,୧୭।୧(ସମିସ): ଆଜି କାୟାକଳ୍ପ ଟିମ୍ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛି। ଏହି ଟିମ୍‌ରେ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ଡା ପ୍ରତିଭା ପ୍ରଧାନ, ପ୍ରାକ୍‌ସେବା ଅଧିକାରିଣୀ ବିବୁଧା ବିଜୟଲକ୍ଷ୍ମୀ, ପରିବାର କଲ୍ୟାଣ ବିଶେଷଜ୍ଞ ଜ୍ୟୋତ୍ସ୍ନାରାଣୀ ଏକ୍କା, ଲୋପାମୁଦ୍ରା ଦାସମହାପାତ୍ର ପ୍ରମୁଖ ସାମିଲ ଥିଲେ। ଏହି ଟିମକୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା ଜୟଦେବ ନନ୍ଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚତୁପାଶ୍ୱର୍ ବୁଲାଇ ଦେଖାଇବା ସହ ବିଭିନ୍ନ ବିଭାଗ ପରିଦର୍ଶନ କରାଇଥିଲେ। ଏହି ଟିମ୍ ଅଧୀକ୍ଷକ ଡା ନନ୍ଦଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏ ଅବସରରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପ୍ରିୟା ପଣ୍ଡା, ଅନୁସୟା ରାଉତ, ରଶ୍ମୀପ୍ରଭା ଖଟୁଆ, କାର୍ତ୍ତିକ ଚନ୍ଦ୍ର ସାମଲ, ରୋଗୀ କଲ୍ୟାଣ ସମିତି ପକ୍ଷରୁ ବିମଳେନ୍ଦୁ ବେହୁରା, ଶୁଭକାନ୍ତ ମହାନ୍ତି, ସନ୍ତୋଷ କୁମାର ମୁଦୁଲି, ରୀନାରାଣୀ ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍

ମଙ୍ଗଳପୁର, ୧୭।୧(ସମିସ)

ସରକାର ଗରିବ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ବ୍ୟୟବରାଦ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ମଧ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର କେତେକ ସ୍ଥାନରେ କିଛି ଅସାଧୁ କର୍ମଚାରୀ ଓ ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ପରିପ୍ରେକ୍ଷୀରେ ଆଜି ଦଶରଥପୁର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)କୁ କାୟାକଳ୍ପ ଟିମ ପରିଦର୍ଶନରେ ଆସିଥିବାବେଳେ ଏଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁସଜ୍ଜିତ ଭାବେ ସଜାଯାଇଥିବା ଦେଖିବା ପାଇଁ ମିଳିଥିଲା। ସକାଳ ୯. ୩୦ ମିନିଟ ସମୟରେ କାୟାକଳ୍ପ ଟିମର ଅଧିକାରୀ ଆସି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଧିକାରୀ ବିନ୍ଦୁସାଗର ସାମଲ ଓ ସମସ୍ତ କର୍ମଚାରୀ



କାୟକଳ୍ପ ଟିମ୍ ଅଧିକାରୀଙ୍କୁ ପାଛୋଟି ନେଇଥିଲେ। ଏହାପରେ କାୟାକଳ୍ପ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତର ଓ ବାହାର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ସୂଚନା ମୁତାବକ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନୟନ କାର୍ଯ୍ୟ ପାଇଁ ସରକାର କୋଟି କୋଟି ଟଙ୍କା ଯୋଗାଇ ଦେଇଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବର୍ଷସାରା ସ୍ୱାସ୍ଥ୍ୟକେନ୍ଦ୍ର ଭିତର ଓ ବାହାର ଅପରିଷ୍କାର ହୋଇ ପଡିରହୁଥିବାବେଳେ କାୟାକଳ୍ପ ଟିମ ଆଗମନଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଏତେ ତତ୍ପରତା କାହିଁକି ଓ କେଉଁ ସ୍ୱାର୍ଥରେ କାୟାକଳ୍ପ ଟିମ ଆସିବା ଆଗରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ରଙ୍ଗ ଦେବା ସହ ଅନ୍ୟାନ୍ୟ ସାଜସଜା କାର୍ଯ୍ୟ କରାଯାଇଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ହୋଇ ନ ଥିବାବେଳେ କାୟାକଳ୍ପ ଟିମ ଆସିବା ଆଗରୁ ସ୍ୱାସ୍ଥ୍ୟକେନ୍ଦ୍ର ସାଜସଜା ଓ ରଙ୍ଗ ମରାରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ଓ ଏହି ଟଙ୍କା ଖର୍ଚ୍ଚ କରିବା ପାଇଁ କିଏ ଅନୁମତି ଦେଇଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ବର୍ଷ ହେବ ରୋଗୀକଲ୍ୟାଣ ସମିତି ବୈଠକ ନ ବସିବା ଓ ମେଡିକାଲ ପରିସରରେ ନିର୍ମାଣାଧୀନ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟରେ ହୋଇଥିବା ଅନିୟମିତତା ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଦେବାସହ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଦୁବକଣ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



କୟାଁଗୋଲା,୧୭।୧(ସମିସ): ଦଶରଥପୁର ବ୍ଲକ୍ କୟାଁ ପଞ୍ଚାୟତସ୍ଥ ଦୁବକଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକ କିଶନ ଟୁଡୁ ଫିତାକାଟି କ୍ରୀଡ଼ାକୁ ଉଦ୍‌ଘାଟନ କରିଥିବାବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ପଣ୍ଡା, ଖଗେଶ୍ୱର ସାହୁ, ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଜେନା, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଉତ୍ପଳ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିବାବେଳେ କ୍ରୀଡ଼ାର ପ୍ରଥମ ଦିନରେ ୧୦୦ ମିଟର, ୨୦୦ ମିଟର ରେସ, ଅଖା ଦୌଡ଼, ୩ ଗୋଡ଼ିଆ, ଛୁଞ୍ଚି ସୂତା, ମ୍ୟାଥ ରେସ, ସଟପୁଟ ଆଦି ଖେଳ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ବିବେକାନନ୍ଦ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଂଝାରପୁର,୧୭।୧(ସମିସ): ଚକ୍ରପୁରସ୍ଥ ସ୍ୱାମୀ ବିବେକାନନ୍ଦ ଉଚ୍ଚବିଦ୍ୟାଳୟର ପଞ୍ଚଦଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋପୀନାଥ ଦାଶଙ୍କ ସଭାତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗପ ଛଳରେ ଛାତ୍ରଛାତ୍ରୀଙ୍କୁ ବହୁ ଉପଦେଶାତ୍ମକ ବାଣୀ ଶୁଣା ଥିଲେ। ଉତ୍ତମ ଛାତ୍ର ହେବାକୁ ହେଲେ ମାଆମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ପ୍ରତି ପୁସ୍ତକର ଚାପ ଓ ମୋବାଇଲ ପିଲାଙ୍କ ପାଖରୁ କଳ୍ପନା ଶକ୍ତି ହରଣ କରିନେଉଛି ବୋଲି କହିବା ସହ କ୍ଷୋଭ ପ୍ରକାଶ କରିଥିଲେ। ସ୍କୁଲର ପ୍ରତିଷ୍ଠାତା ଗଣେଶ ପ୍ରସାଦ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ବୀଣାପାଣି ଫୁଟବଲ ଓ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

ଟମକା,୧୭ ।୧(ସମିସ)

ବୀଣାପାଣି ଯୁବକ ସଂଘ ପକ୍ଷରୁ ଚାଲିଥିବା ୨୯ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓ ଆଥ୍‌ଲେଟିକ୍ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୩୨ଟି ଦଳ ଭାଗ ନେଇଥିବାବେଳେ ଲିମକଛାର ହୋଲି ଲାଇଫ୍ ଏଫ୍‌ସି ଓ ଚହଲାପଦା ଏଫସି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ହୋଲି ଲାଇଫ ଏଫସି ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଉଦଯାପନୀ ଦିବସରେ ପ୍ରାକ୍ତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଅତିଥି ଭାବେ ଯୋଗଦେଇ ଖେଳାଳିକୁ ଉତ୍ସାହିତ କରିଥିବାବେଳେ ଯୁବ ନେତା ପ୍ରଦୀପ କୁମାର ମହାନ୍ତି, ସୌମ୍ୟରଞ୍ଜନ ମହାପାତ୍ର, ଲକ୍ଷ୍ମୀଧର ବେହେରା, ପଞ୍ଚାୟତ ବିଜେଡି ସଭାପତି ବିପିନ ବିହାରୀ ସେଠୀ, ୯ନମ୍ବର ୱାର୍ଡ ମେମ୍ବର ସୁରୁ ବିରୁଆ, ୧୦ ନମ୍ବର ୱାର୍ଡ ମେମ୍ବର ରବି ଦାସ୍ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଯୁବକ ସଂଘର ସଭାପତି ଶୁକଦେବ ବିରୁଆ, ଉପସଭାପତି ଚନ୍ଦ୍ର ଚାତାର, ଇନ୍ଦ୍ରଜିତ୍ ମହାନ୍ତ, ଶିବ ହେମ୍ବ୍ରମ, ସୁନା ଚାତାର, ରାଜେନ୍ଦ୍ର କଳା, ଲଛମନ ସାମାଡ୍ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।



## ସମାଜସେବୀଙ୍କ ଶ୍ରାଦ୍ଧୋତ୍ସବ

ଜାରକା,୧୭।୧( ସମିସ): ଧର୍ମଶାଳା ବ୍ଲକ୍ ଜାରକାସ୍ଥ କଳିଙ୍ଗ କ୍ଲବ୍ ପରିସରରେ ଧର୍ମଶାଳା ବ୍ଲକର ପ୍ରାକ୍ତନ ଅଧକ୍ଷ ତଥା ସମାଜସେବୀ ବୈରାଗୀ ଚରଣ ବିଶ୍ୱାଳଙ୍କ ୧୬ତମ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବୈରାଗୀ ବାବୁ ଜଣେ ସମ୍ପୂର୍ଣ୍ଣ ମଣିଷ ଥିଲେ ବୋଲି କହିଥିଲେ। ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ତଥା କମିଟି ସଭାପତି କିଶାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈରାଗୀ ବାବୁଙ୍କ ଅବଦାନକୁ ମନେ ପକାଇଥିଲେ।

## କୀର୍ତ୍ତନ ସମ୍ରାଟ ଅଧିକାରୀ ରାଧାଶ୍ୟାମଙ୍କ ଶ୍ରାଦ୍ଧୋତ୍ସବ

ଦଶରଥପୁର,୧୭।୧ (ସମିସ): ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଅକରପଡ଼ା ପଞ୍ଚାୟତର ବଡଦୋଗଡ଼ା ଗୋପୀନାଥଜୀଉ ମନ୍ଦିର ପରିସରରେ କୀର୍ତ୍ତନ ସମ୍ରାଟ ଅଧିକାରୀ ରାଧାଶ୍ୟାମଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପୁତ୍ର ଅଧିକାରୀ ନବକିଶୋର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାମ ସଂକୀର୍ତ୍ତନ ସହ ଭଗବତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଧନଞ୍ଜୟ ରାଉତ, ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ର, ସମ୍ପାଦକ ଅଭିମନ୍ୟୁ ମିଶ୍ର, ଭଗବତପ୍ରେମୀ ସୁରେନ୍ଦ୍ର ପାଣିଗ୍ରାହୀ, ବୃନ୍ଦାବନ ସ୍ୱାଇଁ, ରଞ୍ଜିତ ଦାସ, ଅଳକା ଅଞ୍ଜଳି ନାୟକ, ସୌଭାଗ୍ୟ ଧଳ, ଶିଶିର ମହାପାତ୍ର ପ୍ରମୁଖ ଯୋଗ ଦେଇଥିବାବେଳେ ଆଲୋଚନାଚକ୍ରକୁ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ ପରିଚାଳନା କରିଥିଲେ। ବନ୍ଧୁ, ପରିବାରବର୍ଗ, ଶୁଭେଚ୍ଛୁ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




ଟମକା,୧୭।୧(ସମିସ): ଦାନଗଦି ବ୍ଲକ୍ ଅନ୍ତର୍ଗତ ଝାଡେଶ୍ୱର ଜୁନିୟର କଲେଜ ଅଧକ୍ଷ ଅକ୍ଷୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏନ୍‌ଏସ୍‌ଏସ୍ କ୍ୟାମ୍ପର ଛାତ୍ରଛାତ୍ରୀଙ୍କ ଦ୍ୱାରା ଟମକା ଛକରେ ସଡ଼କ ସଚେତନତା ଲକ୍ଷ୍ୟରେ ଏକ ଶୋଭାଯାତ୍ରା କରାଯାଇଛି। ଏଥିରେ ବାଇକ୍ ଚଳାଇବା ସମୟରେ ହେଲ୍‌ମେଟ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ଡ୍ରାଇଭର ସିଟ୍ ବେଲଟ ପିନ୍ଧିବା, ଟ୍ରାଫିକ୍ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା।

# ସରକାରୀ ସହାୟତା ଅପେକ୍ଷାରେ ବୃଦ୍ଧ ଦମ୍ପତି

ଦାନଗଦି,୧୭।୧(ସମିସ)

ବୃଦ୍ଧବୃଦ୍ଧାଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ତେବେ କେତେକ ଅସାଧୁ କର୍ମଚାରୀଙ୍କ ପାଇଁ ଏହି ସରକାରୀ ଯୋଜନାରୁ ବହୁ ଲୋକେ ବାଦ୍ ପଡୁଛନ୍ତି। ଦାନଗଦି ବ୍ଲକ୍ ରାଣୀପଡା ପଞ୍ଚାୟତର ବାରିଗୋଧା ଗାଁରେ ଏଭଳି ଏକ ପରିବାର ସରକାରୀ ଯୋଜନାରୁ ବଞ୍ଚିତ ରହିଥିବା ଦେଖିବାକୁ ମିଳିଛି। ସେମାନେ ଶଙ୍କର୍ଷଣ ଦାସ ଓ ତାଙ୍କ ପତ୍ନୀ ଝରଣା ଦାସ। ସେମାନଙ୍କ ଦୁଃଖ କହିଲେ ନ ସରେ। ଶଙ୍କର୍ଷଣ ଦାସଙ୍କ ବୟସ ଏବେ ୭୫ ଛୁଇଁଲାଣି। ବୃଦ୍ଧବୃଦ୍ଧାଙ୍କ ଚାଲିବା ପାଇଁ ଦେହରେ ବଳ ନାହିଁ। ଚାରିହାତ ଚାଲିଲେ ଥକା ହୋଇ ବସିପଡୁଛନ୍ତି। ଆଜି ମଧ ସରକାରୀ ସହାୟତାରୁ ବଞ୍ଚିତ ଅଛନ୍ତି। ଏହି ବୃଦ୍ଧବୃଦ୍ଧାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ସାଧାରଣରେ ଦାବି ହେଉଛି।

କେତେକ ଅସହାୟ ବୃଦ୍ଧବୃଦ୍ଧା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ ବାରମ୍ବାର ଜନପ୍ରତିନିଧିଙ୍କୁ ଦୁଃଖ ଜଣାଇ ନିରାଶ ହେଉଛନ୍ତି। ବୃଦ୍ଧ ଜଣଙ୍କର ସ୍ୱାସ୍ଥ୍ୟ ଭଲ ନାହିଁ। ଆଜକୁ ଆଠବର୍ଷ ହେବ ତାଙ୍କୁ କର୍କଟ ହୋଇଥିଲା। ଟିକେ ଭଲ ହେବା ପରେ ପକ୍ଷଘାତ ହେଲା। ସେ ବହୁ କଷ୍ଟରେ ହାତରେ ବାଡ଼ି ଖଣ୍ଡେ ଧରି ଚଲାବୁଲା କରୁଛନ୍ତି। ଚଲାବୁଲା କରିବା ପାଇଁ ଗାଡ଼ି ଖଣ୍ଡେ ପାଇଁ ବାରମ୍ବାର ସମସ୍ତଙ୍କୁ ଜଣାଇ ନିରାଶ ହେଲେଣି। ଆଉଏକ ଦୁଃଖ ହେଲା ଏହି ବୃଦ୍ଧ ଦମ୍ପତିଙ୍କର ପୁଅ ନାହାଁନ୍ତି। ଚାରି ଝିଅ। ପରିଣତ ବୟସରେ ବୃଦ୍ଧା ପତ୍ନୀ ଝରଣା ନିଜକୁ ଯେଉଁଠି ସମ୍ଭାଳିବା କଷ୍ଟକର ସ୍ୱାମୀ ଶଙ୍କର୍ଷଣଙ୍କ ସେବା କରିବେ ବା କିପରି? ବୃଦ୍ଧା ଝରଣାଙ୍କର ବାର୍ଦ୍ଧକ୍ୟ ଭତ୍ତା ନାହିଁ। ଆଧାର ଭୁଲ ପାଇଁ ସେ ଭତ୍ତା ପାଇବା ପାଇଁ ଯୋଗ୍ୟ ହେଇପାରୁନାହାନ୍ତି। ବୃଦ୍ଧା ଝରଣାଙ୍କର



ଗୋଡ଼ ଭଲ ନାହିଁ। ପାଦ ସବୁବେଳେ ବ୍ୟଥା ହେଉଛି। ବହୁତ କଷ୍ଟରେ ରୋଷେଇ କରୁଛନ୍ତି। ଦିନେ ଖାଇଲେ ଆଉ ଦିନେ ଚୁଲି ଜଳୁନାହିଁ। ବୃଦ୍ଧ ଦମ୍ପତିଙ୍କ ପାଇଁ କେହି ସହାୟ ହେବାକୁ ନାହାନ୍ତି। ଔଷଧ ଖାଇବା ପାଇଁ ଅର୍ଥର ଅଭାବ। କୋହଭରା କଣ୍ଠରେ ବୃଦ୍ଧ ଶଙ୍କର୍ଷଣ କୁହନ୍ତି, ମୋ ଦୁଃଖ କେହି ବୁଝୁନାହାନ୍ତି। ଗାଡ଼ି ଖଣ୍ଡେ ଯଦି ଯୋଗାଇ ଦିଅନ୍ତେ ମୁଁ ଟିକେ ଯା'ଆସ କରି ନିଜର କାମ କରନ୍ତି। କୌଣସି ଅନୁଷ୍ଠାନ ଯଦି ଏହି ଅସହାୟ ବୃଦ୍ଧ ଦମ୍ପତିଙ୍କୁ ସହାୟତାର ହାତ ବଢାନ୍ତେ, ତେବେ ସେମାନଙ୍କ ବାକି ଜୀବନ ଭଲରେ ବିତିଯାଆନ୍ତା।

**ଚଳିତବର୍ଷ ୨୫୦ ହେକ୍ଟର ଜମିରେ ହୋଇଛି ଚାଷ**

# ଆନ୍ଧ୍ର ଯାଉଛି ବାଲେଶ୍ୱରର ତାଳ ତେଲ ମଞ୍ଜି

**ବାଲେଶ୍ୱର, ୧୭।୧(ସମିସ)**

ସମ୍ପ୍ରତି ଖାଇବା ତେଲର ଦରବୃଦ୍ଧି ପାଇବାରେ ଲାଗିଛି। ଏହି ଖାଇବା ତେଲ ମଧ୍ୟରେ ପାମ୍ ଅଏଲ୍ ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ଖାଇବା ତେଲ ଭାବେ ବ୍ୟବହାର ପାଇଁ ବାଲେଶ୍ୱର ଜିଲ୍ଲାରେ ଚଳିତବର୍ଷ ପାମ୍ ଅଏଲ୍ ବା ତାଳ ତେଲ ଚାଷକୁ ଗୁରୁତ୍ୱ ଦିଆଯାଇଛି। ବାଲେଶ୍ୱର ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସହଯୋଗରେ ଚଳିତବର୍ଷ ୨୫୦ ହେକ୍ଟର ଜମିରେ ତେଲ ତାଳ ଚାଷ ହାତକୁ ନିଆଯାଇଛି। ପୂର୍ବ ବର୍ଷମାନଙ୍କରେ ତେଲ ତାଳ ଚାଷ ହେଉଥିଲେ ହେଁ ଏତେ ଅଧିକ ପରିମାଣରେ ଚାଷ ହେଉନଥିଲା। ତେବେ ପୂର୍ବ ବର୍ଷ ଚାଷରୁ ଉତ୍ପନ୍ନ ହୋଇଥିବା ତେଲ ତାଳ ପେଣ୍ଡା ବାଲେଶ୍ୱରର ସହର ପୁଲିସ ଲାଇନ୍ ପଡ଼ିଆରେ ଚାଲିଥିବା କୋଶମ୍ବ ମେଳାର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପ୍ରଦର୍ଶନୀ କରାଯାଇଛି।




ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ଚଳିତବର୍ଷ ମନରେଗା ଯୋଜନାରେ ତାଳ ତେଲ ଚାଷ କରାଯାଉଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ୨୫୦ ହେକ୍ଟର ଜମିରେ ତାଳ ତେଲ ଚାଷ ପାଇଁ ଚାରା ଦିଆଯାଉଛି। ସେଥିମଧ୍ୟରୁ ଖଇରା, ଭୋଗରାଇ ଓ ଜଳେଶ୍ୱର ବ୍ଲକରେ ଅଧିକ ଜମିରେ ତାଳ ତେଲ ଚାଷ କରାଯାଇଛି। ଏ ଦିଗରେ ଉଦ୍ୟାନ କୃଷି ବିଭାଗକୁ ରୁଚି ସୋୟା କମ୍ପାନୀ ସହଯୋଗ କରୁଥିବା ଜଣାପଡ଼ିଛି। ତେବେ ଏସମସ୍ତ ତାଳ ତେଲ ଚାରା ଚାଷୀଙ୍କୁ ମାଗଣାରେ ପ୍ରଦାନ କରାଯାଇଛି। ଗୋଟେ ହେକ୍ଟର ଜମିରେ ପ୍ରାୟ ୨୦୦ଟି ଚାରା ଲାଗିଛି। ତେବେ ଚାଷର ଚାରି ବର୍ଷ ପରେ ଗଛରେ ତାଳ ତେଲ ଫଳିବା ଆରମ୍ଭ ହୋଇଥାଏ। ଗୋଟିଏ ଗୋଟିଏ ଗଛରୁ ୨୦/୩୦ ପେଣ୍ଡା ତାଳ ତେଲ ହୋଇଥାଏ। ଯାହାକୁ ଚାଷୀ ଓଜନ ହିସାବରେ ବିକ୍ରି କରିଥାନ୍ତି। ତେବେ ଜିଲ୍ଲାରେ ତେଲ ଉତ୍ପାଦନ କାରଖାନା ନାହିଁ। ସେଥିପାଇଁ ଚାଷ ହେଉଥିବା ତାଳ ତେଲ ଅନ୍ଧ୍ର ପ୍ରଦେଶକୁ ବିକ୍ରି ହୋଇଯାଉଛି। ସେଠାରେ ସେମାନେ ମଞ୍ଜିରୁ ତେଲ ବାହାର କରୁଛନ୍ତି। ମୟୂରଭଞ୍ଜରେ ତେଲ ଉତ୍ପାଦନ କାରଖାନା ରହିଛି ହେଲେ ବାଲେଶ୍ୱରରେ ସ୍ଥାପନ ହୋଇନାହିଁ ତେଲ ଉତ୍ପାଦନ କାରଖାନା। ଫଳରେ ଚାଷୀମାନେ ଏହି ଚାଷରୁ ଆବଶ୍ୟକ ମୁତାବକ ଲାଭ ପାଇ ପାରୁନାହାନ୍ତି। ସେଥିରୁ ତେଲ ବାହାର କରିବାର ପ୍ରୋତ୍ସାହନ ସୁବିଧା ପାଉନାହାନ୍ତି। ଫଳରେ ବାହାର ରାଜ୍ୟକୁ ବିକ୍ରି କରିଦେଉଛନ୍ତି। ଆଗାମୀ ଦିନରେ ବାଲେଶ୍ୱରରେ ତେଲ ଉତ୍ପାଦନ କାରଖାନା ନିର୍ମାଣ ହେବ ବୋଲି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

**ଜିଲ୍ଲାରେ ନାହିଁ ଉତ୍ପାଦନ କାରଖାନା**

ପ୍ରକାଶ ଥାଉ କି, ରାଜ୍ୟ ସରକାର ୨୦୨୪ରେ ରାଜ୍ୟସ୍ତରୀୟ ବୃହତ ତାଳ ତେଲ କୃଷକଘୋଷଣ ଅଭିଯାନ ଲକ୍ଷ୍ୟ ରଖି ଏହାର ପ୍ରୋତ୍ସାହନ ଆରମ୍ଭ କରିଥିଲେ। ଏଥିସହ ତାଳ ତେଲ ବା ଅଏଲ ପାମ୍ ଚାଷର ସମ୍ପ୍ରସାରଣ, ଚିରସ୍ଥାୟୀ ପ୍ରଣାଳୀର ପ୍ରୋତ୍ସାହନ ଏବଂ ଅର୍ଥନୈତିକ ବାଧାର ସମାଧାନ, କୃଷି ବିଭାଗ ୧୧ଟି ତାଳ ତେଲ କମ୍ପାନୀ ସହ ୨୦ ଟି ଜିଲ୍ଲାରେ କାର୍ଯ୍ୟକାରିତା ପାଇଁ ଏମ୍ ଓୟୁ ସ୍ୱାକ୍ଷର ଏବଂ ଚଳିତବର୍ଷ ଆର୍ଥିକ ବର୍ଷ ଚାଷର ଲକ୍ଷ୍ୟ ଧାର୍ଯ୍ୟ ମଧ୍ୟ କରିଥିଲେ।

## ‘ଉନ୍ନୁରୁମ’ ଉତ୍ସବର ଲୋଗୋ ଓ ପୋଷ୍ଟର ଉନ୍ମୋଚିତ



**ବାଲେଶ୍ୱର, ୧୭।୧(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ସାଂସ୍କୃତିକ ସମୃଦ୍ଧ ଉତ୍ସବ ‘ଉନ୍ନୁରୁମ’ର ତୃତୀୟ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଏହି ତିନିଦିନିଆ କାର୍ଯ୍ୟକ୍ରମଟି ଚଳିତ ମାସ ୨୯ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ, ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ତଥା ସମସ୍ତ କମିଟିର ସଦସ୍ୟ ଓ ମୁଖ୍ୟଙ୍କ ଉପସ୍ଥିତିରେ ଉନ୍ନୁରୁମ ଉତ୍ସବରେ ବ୍ୟବହୃତ ହେବାକୁ ଥିବି ଲୋଗୋ ଓ ପ୍ରଥମ ପୋଷ୍ଟର ଉନ୍ମୋଚିତ କରାଯାଇଥିଲା।

ପ୍ରଥମ ଦିନରେ ପୁସ୍ତକ ଲୋକାର୍ପିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦ୍ୱିତୀୟ ଓ ତୃତୀୟ ଦିନରେ ‘କବିତା ଆସର’ ଓ ‘କାହାଣୀ ଉତ୍ସବ’ ଅନୁଷ୍ଠିତ ହେବ। ଏହି ଉତ୍ସବରେ ରୁଷିଆ, ନେପାଳ, ଶ୍ରୀଲଙ୍କା, ଆସାମ, ଦିଲ୍ଲୀ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଲୋକନୃତ୍ୟ, ଲୋକକଳା ସମ୍ବନ୍ଧିତ ୧୮ ରୁ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯିବ।

## କମର୍ଦ୍ଦା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

**କମର୍ଦ୍ଦା/ଭୋଗରାଇ, ୧୭।୧(ସମିସ):** ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କମର୍ଦ୍ଦା ପଞ୍ଚାୟତର ବସ୍ତି ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡିର ମିଶ୍ରଣ ପର୍ବ ତଥା ବନ୍ଧୁମିଳନ ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଉତ୍ତର ଓଡ଼ିଶା ଯୁବ ସାଧାରଣ ସମ୍ପାଦକ ରାମକୃଷ୍ଣ ପାତ୍ରଙ୍କ ସଞ୍ଚାଳନରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବିଶିଷ୍ଟ ଅତିଥି ବ୍ଲକ ସଭାପତି ରମାକାନ୍ତ କରଣ, ସମ୍ମାନିତ ଅତିଥି ଜିଲ୍ଲାପରିଷଦ କବିତା ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ଅଶୋକ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ବେହେରା, ସରପଞ୍ଚ ଦେବୀ ରାଣୀ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ଉମାକାନ୍ତ ପ୍ରଧାନ, ସମାଜସେବୀ ଦେବଲ କୁମାର ମିଶ୍ର, ବିଜୟ କୁମାର ଦାସ, ପୁଲିନ କୁମାର ପରିଡ଼ା, ନାଏବ ସରପଞ୍ଚ ସୁଭାଷ ଦାସ,



ସେକ ସଲାମତ, ଅବଦୁଲ ଶାହା, ସେକ ନାସିରୁଦ୍ଦିନ, ଶଙ୍କର ନନ୍ଦ, ଜନ୍ମେଜୟ ପଣ୍ଡା, ବଙ୍କିମ ଜେନା, ହରେକୃଷ୍ଣ ଦାସ, ସୁର୍ଯ୍ୟେନ୍ଦୁ ରଣା ପ୍ରମୁଖ ପଞ୍ଚାୟତର ସମସ୍ତ ସକ୍ରିୟ କର୍ମୀମାନଙ୍କୁ ସଂଗଠନ ସମ୍ବନ୍ଧୀୟ ବହୁ କଥା ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ଦାସଙ୍କ ଉପସ୍ଥିତି ରେ ଏହି ଅବସରରେ ୨୨ଜଣ ଅନ୍ୟଦଳର କର୍ମୀ ବିଜେଡିରେ ସାମିଲ ହୋଇ ଭୋଗରାଇରେ କମର୍ଦ୍ଦା ପଞ୍ଚାୟତକୁ ୧ନଂ ପଞ୍ଚାୟତ କରିବାକୁ ଶପଥ ନେଇଥିଲେ। ନବ ବର୍ଷରେ ଆରମ୍ଭ ହୋଇଥିବା ବିଜେଡିର ଏହି ମିଶ୍ରଣ ପ୍ରକ୍ରିୟା ଆଗକୁ ଜାରି ରହିବ ଏବଂ ଉଭୟ ବିଜେପି ଓ କଂଗ୍ରେସ ଦଳରୁ ଶହ ଶହ କର୍ମୀ ବର୍ତ୍ତମାନ କ୍ଷମତାସୀନ ବିଜେପି ସରକାର ଉପରୁ ଆସ୍ଥା ହରାଇ ବିଜୁ ଜନତା ଦଳ ଆଡକୁ ଆକୃଷ୍ଟ ରହିଥିବା ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ।

## କିଡ୍‌ନୀ ରୋଗାକ୍ରାନ୍ତ କମଳାକାନ୍ତଙ୍କୁ ସହାୟତା



**ବାଲେଶ୍ୱର, ୧୭।୧(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ତରଫରୁ କିଡନୀ ରୋଗାକ୍ରାନ୍ତ ଦିବ୍ୟାଙ୍ଗ ଯୁବକଙ୍କୁ ସହାୟତା ପ୍ରଦାନ କରାଯାଇଛି। ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତ ନୀଳମଣି ବେହେରାଙ୍କ ୩୨ ବର୍ଷୀୟ ପୁତ୍ର କମଳାକାନ୍ତ ବେହେରା ୨୦୨୨ ମସିହାରେ ଦୁର୍ଘଟଣାର ଶିକାର ହୋଇ ଏକ ଗୋଡ଼ ହରାଇଥିଲେ। ଦଇବ ଦାଉ ସାଧିଲା ପରି କିଛି ଦିନ ମଧ୍ୟରେ ତାଙ୍କର ଦୁଇଟି ଯାକ କିଡନୀ ଅଚଳ ହୋଇଯାଇଥିବା ପରୀକ୍ଷାରୁ ଜଣାପଡ଼ିଲା। ଦୈନନ୍ଦିନ ଖର୍ଚ୍ଚ ବହନ କରିବାକୁ ଅକ୍ଷମ ଥିବା ପରିବାର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ ପାଇଁ ପ୍ରୟାସ ଜାରି ରଖିଥିଲେ। ‘ସକାଳ’ରେ ଏହି ଖବର ପ୍ରସାରିତ ହେବା ପରେ ସର୍ବଦା ଅସହାୟ ପାଇଁ ଆଗଭର ଥିବା ସାମାଜିକ ସଂଗଠନ ‘ଦି ନ୍ୟୁ ହୋପ’ ଏହି ଦିବ୍ୟାଙ୍ଗ ଯୁବକଙ୍କୁ ସହାୟତା ପାଇଁ ଆଗେଇ ଆସିଥିଲେ। ଆଜି ଦି ନ୍ୟୁ ହୋପ ର କର୍ମକର୍ତ୍ତା ମାନେ ତାଙ୍କ ବାସ ଭବନରେ ତାଙ୍କୁ ଭେଟି ଚିକିତ୍ସା ନିମନ୍ତେ ୧୫ ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରିବା ସହ ପରିବାର ପାଇଁ ଏକ ମାସର ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ଭବିଷ୍ୟତରେ ଉନ୍ନତ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ହେଲେ ସଙ୍ଗଠନ ତରଫରୁ ସାହାଯ୍ୟ କରାଯିବ ବୋଲି ସଙ୍ଗଠନ ଅଧ୍ୟକ୍ଷ ସଂଗ୍ରାମ ପଣ୍ଡା କହିଥିଲେ। ଏହି ସମୟରେ ସଙ୍ଗଠନ ସଦସ୍ୟ ଶିବାଶିଷ ସାହୁ, ରଞ୍ଜିତା ପ୍ରଧାନ, ଦିପେନ୍ଦ୍ର ଶତପଥି, ଅପରାଜିତା ସେନ, ମୁକ୍ତିକାନ୍ତ ମହାପାତ୍ର, ସାଗରିକା ମହାନ୍ତି, ତପନ ଜେନା, ଦୀନବନ୍ଧୁ ନାୟକ, ଚନ୍ଦନ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦ୍ରମୋହନ ମହାପାତ୍ରଙ୍କୁ ସାହିତ୍ୟ ଦର୍ପଣ ଗଳ୍ପ ସମ୍ମାନ



**ସୋର, ୧୭।୧(ସମିସ):** ଯାଜପୁର ଜିଲ୍ଲା ଜାରକା ଧର୍ମଶାଳା କଲେଜ ପରିସରରେ ଅନୁଷ୍ଠିତ ସାହିତ୍ୟ ଦର୍ପଣର ରୌପ୍ୟ ଜୟନ୍ତୀ ଉତ୍ସବରେ ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କୁ ଚଳିତ ବର୍ଷର ସାହିତ୍ୟ ଦର୍ପଣ ଗଳ୍ପ ସମ୍ମାନ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ତ୍ରିଲୋଚନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନୁହର ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ଶତପଥି ଏବଂ ଉଦ୍‌ଘାଟକ ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଅନୁଷ୍ଠାନର ସମ୍ପାଦକ ସାହିତ୍ୟିକ ତଥା ସାମ୍ବାଦିକ ବିମଳ ପତିଙ୍କ ସହିତ ଗାଳ୍ପିକ ଶ୍ରୀ ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

## ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

**ଜଳେଶ୍ୱର, ୧୭।୧ (ସମିସ):** ଜଳେଶ୍ୱର ଥାନା ଶିଖରପୁର ପଞ୍ଚାୟତ ସୁଖଦୁଃଖିଆ ଗ୍ରାମର ୭୭ ବର୍ଷୀୟ ବୃଦ୍ଧ ଚକ୍ରଧର ଦାସ ଅଞ୍ଚଳର ଜନୈକ ମାନସିକ ବିକଳାଙ୍ଗ ନାବାଳିକାକୁ ଦୁଷ୍କର୍ମ କରିଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ଚକ୍ରଧରକୁ ଗିରଫ କରିଛି। ଘଟଣାର ଅଧିକ ତଦନ୍ତ ସହ ଅଭିଯୁକ୍ତ ଚକ୍ରଧରକୁ ଡାକ୍ତରୀ ମାଇନା କରିବା ପରେ ଜଳେଶ୍ୱର କୋର୍ଟ ହାଜତକୁ ପଠାଇଛି। ଅପରପକ୍ଷରେ ମାନସିକ ବିକଳାଙ୍ଗ ନାବାଳିକାକୁ ଦୁଇ ଜଣ ସାଇକୋଲୋଜିଷ୍ଟ ପ୍ରିୟଙ୍କା ଆସ ଓ ପୂଜାରାଣି ଦେଙ୍କ ସହ ଜଳେଶ୍ୱର ପୁଲିସ ପଚାଉଚରା କରିବା ସହିତ ବାଲେଶ୍ୱର ପକ୍ସୋ କୋର୍ଟକୁ ପଠାଇଛି।

## ଚିଟ୍‌ଫଣ୍ଡ ସଂସ୍ଥା ମାଲିକ ଗିରଫ

**ସୋର, ୧୭।୧(ସମିସ):** ସୋରରେ ଚାଲିଥିବା ଏକ ଚିଟଫଣ୍ଡ ସଂସ୍ଥାର ମାଲିକକୁ ଠକେଇ ଅଭିଯୋଗରେ ସୋର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଦୀର୍ଘ ଦିନ ଧରି ନଦୀଗାଁ ପଞ୍ଚାୟତ ବାଇନଣ୍ଡା ମଙ୍ଗରାଜପୁର ଗ୍ରାମର ତୃପ୍ତିକାନ୍ତ ପାଣିଗ୍ରାହୀ ସୋର ତହସିଲ ସମ୍ମୁଖରେ ଟ୍ରିଉଲି ଭେଞ୍ଚରସ୍ ନାମରେ ଏକ ସଂସ୍ଥା ଖୋଲି ସୋର ସମେତ ବିଭିନ୍ନ ଅଞ୍ଚଳର ଲୋକଙ୍କ ଠାରୁ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେବା ପରେ ଫେରାର ହୋଇଯାଇଥିଲେ। ଟଙ୍କା ନିବେଶକାରୀ ମାନେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଗତ ୨ ଦିନ ତଳେ ସୋର ସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ତୃପ୍ତିକାନ୍ତଙ୍କୁ ଧରି ସୋର ପୁଲିସକୁ ହସ୍ତାନ୍ତର କରିଥିଲେ। ପରେ ପୁଲିସ ତାଙ୍କୁ ଅଟକ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏ ବାବଦରେ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଗିରଫ କରି ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରିଛି।



## କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରୂପସା, ୧୭।୧ (ସମିସ):** ବସ୍ତା ବ୍ଲକ ଅନ୍ତର୍ଗତ କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ବିଦ୍ୟାଳୟ ମଣିଷ ତିଆରି କାରଖାନା ସଦୃଶ ବୋଲି କହିଥିଲେ। ମୁଖ୍ୟ ବକ୍ତା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା, ସମ୍ମାନନୀୟ ବକ୍ତା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗୌରହରି ପ୍ରହରାଜ, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ବରିଷ୍ଠ ସମାଜସେବୀ ଭଗବାନ ଚନ୍ଦ୍ର ମହାପାତ୍ର, ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ଅଭିଭାଷଣ ରଖିଥିଲେ। ଶିକ୍ଷକ ଗଣେଶ କୁମାର ପାଢ଼ୀ ବେଦପାଠ, ମଞ୍ଚ ଆମନ୍ତ୍ରଣ ଓ ପରିଚାଳନା, ମଞ୍ଚ ଆହ୍ୱାନ କରିଥିବା ବେଳେ କୋମଳଲୋଚନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର

**ରୂପସା, ୧୭।୧ (ସମିସ):** ରୂପସା ଥାନା ଅନ୍ତର୍ଗତ ନୀଳମଣି ମହାବିଦ୍ୟାଳୟ ଆନୁକୂଲ୍ୟରେ ୭ଦିନ ବ୍ୟାପୀ ଅନୁଷ୍ଠିତ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଏହି ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ଓ ବିବିଧ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ପ୍ରାଧ୍ୟାପକ ସରୋଜ କୁମାର ପାଣି ଯୋଗଦେଇ ସୁରକ୍ଷିତ ସମାଜ ଗଠନ ନିମନ୍ତେ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ଅବ୍ୟକ୍ତ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଶମ୍ଭୁନାଥ ଗିରି, ଅଧ୍ୟାପିକା ପିନାକି ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ତାଲିମ ଶିବିରର କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଦେବସ୍ମିତା ଭୂୟାଁ ଶିବିରାର୍ଥୀଙ୍କୁ ଆତ୍ମରକ୍ଷା କୌଶଳ ନିହାତି ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ମାଷ୍ଟର ଟ୍ରେନର ଅନାମିକା ପ୍ରଧାନ, ଅନିତା ସାହୁ ଓ ଗୀତୁଶ୍ରୀ ରାଉତ ବିଭିନ୍ନ କୌଶଳମାନ ତାଲିମ ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀମାନଙ୍କୁ ଅଧ୍ୟକ୍ଷ ଡ. ବେହେରା ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ସଂଯୋଜିକା ଅଧ୍ୟାପିକା ରଶ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ବାଲେଶ୍ୱର, ୧୭।୧(ସମିସ):** ଗତ ଗୁରୁବାର ବିଳମ୍ବିତ ରାତିରେ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ପଦ୍ମପୁର ନିକଟସ୍ଥ ୧୮ ନମ୍ବର ଜାତୀୟ ରାଜପଥ ଉପରେ ଶାଳବଣି ଗ୍ରାମର ଅମୂଲ୍ୟ ଦାସଙ୍କ ଦ୍ୱିତୀୟ ପୁତ୍ର ହିରାଲାଲ ଦାସ ଓରଫ ସିପୁଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ସିପୁ ସହିତ ବାଇକରେ ଥିବା ଅନ୍ୟ ଦୁଇଜଣ ଯୁବକ ଗୁରୁତର ଆହତ ହେଇଛନ୍ତି। ଆହତ ଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଥିଲାବେଳେ ଅନ୍ୟଜଣେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ସିପୁ ଓ ତାଙ୍କର ଅନ୍ୟ ଦୁଇ ଜଣ ବନ୍ଧୁ ମୋଟରସାଇକେଲ ଯୋଗେ ଘରକୁ ଫେରୁଥିଲେ। ପଦ୍ମପୁର ନିକଟସ୍ଥ ୧୮ ନମ୍ବର ଜାତୀୟ ରାଜପଥ ଉପରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକକୁ ମୋଟରସାଇକେଲଟି ପଛ ଆଡ଼ୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସ୍ଥଳରେ ସିପୁ ଓ ଅନ୍ୟ ଦୁଇଜଣ ଗୁରୁତର ଆହତ ହେଉଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଏହି ତିନିଜଣ ଆହତଙ୍କୁ ଆଣି ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସିପୁକୁ ମୃତ ଘୋଷଣା କରିଥିଲେ।

## ଜାତୀୟ ଯୁବ ସପ୍ତାହ ପାଳିତ

**ବାଲେଶ୍ୱର, ୧୭।୧(ସମିସ):** ସ୍ୱାମୀ ବିବେକାନନ୍ଦଙ୍କ ୧୬୨ ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଜାତୀୟ ଯୁବ ସପ୍ତାହ କାର୍ଯ୍ୟକ୍ରମ ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ଓ ନେହେରୁ ଯୁବ କେନ୍ଦ୍ର ବାଲେଶ୍ୱର ମିଳିତ ସହଯୋଗରେ ରଣସାହି ଓ ଗୁଡ଼ୁପାହିଠାରେ ଅନୁଷ୍ଠିତ ହୋଇଯାଇଛି। ୧୮ ତାରିଖରେ ସାମାଜିକ ସେବା ଦିବସ ପାଳନ କରିବା ଅବସରରେ ଜାତୀୟ ଶିକ୍ଷା ନୀତି ପାଇଁ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ପାଇଁ ସ୍କୁଲ ଡ୍ରପଆଉଟ ବନ୍ଦ କରିବା ପାଇଁ ୟୁନିଅନ ନୋଡାଲ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ୧୭ ତାରିଖରେ ଶାନ୍ତି ପାଇଁ ଯୁବ ସମାଜ କାର୍ଯ୍ୟକ୍ରମ ରେ ଏକ ସଦଭାବନା ସାଇକେଲ ରାଲି ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ରଣସାହି ଠାରୁ ଆରମ୍ଭ ହୋଇ ହିଡ଼ିଗାଁ, ବର୍ଦ୍ଧନପୁର, ଗୁଡ଼ୁପାହିଠାରେ ଶେଷ ହୋଇଥିଲା। ଅତିଥି ଭାବେ ୟୁନିଅନ ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ସୀତାଂଶୁ ଶେଖର ଦେ, ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ସ, ମଞ୍ଜୁଲତା ପେଡ଼ା, ସାବିତା ନାୟକ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମୁରଲୀଧର ମାହାନ୍ତି, ଜଳଧର ବେହେରା, ପର୍ଶୁରାମ ରାଉତ, କାର୍ତ୍ତିକ ଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ନାୟକ, ସନ୍ତୋଷ ନାୟକ, ମାଗୁଣି ଚରଣ ଦାସ, କରୁଣା କର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଦେହାନ୍ତ

**ବାଲେଶ୍ୱର, ୧୭।୧ (ସମିସ):** ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବରିଷ୍ଠ ଶିକ୍ଷକ ଭାଗବତ ପ୍ରସାଦ ମହାନ୍ତିଙ୍କର ଶୁକ୍ରବାର ଭୋରରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୬ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ଅସୁସ୍ଥ ହେବାରୁ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଗୁରୁବାର ଦିନ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଥିଲା। ସ୍ୱର୍ଗତ ମହାନ୍ତିଙ୍କ ମର ଶରୀର ଆଜି ମଧ୍ୟାହ୍ନରେ ଶେରଗଡ଼ସ୍ଥିତ ତାଙ୍କ ଆଶ୍ରମରେ ପହଞ୍ଚିବା ପରେ ବହୁ ବୁଦ୍ଧିଜୀବୀ, ବହୁ ପୂର୍ବତନ ଛାତ୍ର, ଗ୍ରାମବାସୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦୀର୍ଘ ବର୍ଷ ଧରି ସ୍ୱର୍ଗତ ମହାନ୍ତି ଜିଲ୍ଲା ସ୍କୁଲ ଓ ଅନ୍ୟାନ ସରକାରୀ ବିଦ୍ୟାଳୟରେ ଇଂରାଜୀ ଶିକ୍ଷକ ଭାବେ ଅଧ୍ୟାପନା କରିଆସୁଥିଲେ। ଅବସର ଗ୍ରହଣ ପୂର୍ବରୁ ସ୍ୱର୍ଗତ ମହାନ୍ତି ନିଜ ଆଶ୍ରମରେ ଶ୍ରୀ ଅରବିନ୍ଦ ଓ ଶ୍ରୀ ମା’ଙ୍କ ବାଣୀକୁ ପ୍ରଚାର ପ୍ରସାର କରିଆସୁଥିଲେ। ଆଜି ଅପରାହ୍ନରେ ଆଶ୍ରମ ପରିସରରେ ତାଙ୍କ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଛି।

## ପୂଜକ ଗଣେଶ୍ୱର ଆଚାର୍ଯ୍ୟଙ୍କ ଦେହାନ୍ତ

**ନୀଳଗିରି, ୧୭।୧(ସମିସ):** ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତର ପୂଜକ ଗଣେଶ୍ୱର ଆଚାର୍ଯ୍ୟଙ୍କ(୮୫) ଦେହାନ୍ତ ହୋଇଯାଇଛି। ଧୋବଶିଳା ପଞ୍ଚାୟତର ରାଧିକାଦେଇପୁର ଶାସନର ଜଗନ୍ନାଥ ଆଚାର୍ଯ୍ୟଙ୍କ ପୁତ୍ର ଗଣେଶ୍ୱରଙ୍କ ଶୁକ୍ରବାର ଅପରାହ୍ନ ୩ଟାରେ ତାଙ୍କ ବାସଭବନରେ ମୃତ୍ୟୁବରଣ କରିଛନ୍ତି। ଗଣେଶ୍ୱରଙ୍କ ସହଯୋଗରେ ମହୀର ହନୁମାନ ମନ୍ଦିର ଓ ମା’ ସିନ୍ଦୁରାବତି ମନ୍ଦିର ଗଢିବାରେ ଆବଦାନ ରହିଥିଲା। ତାଙ୍କ ଦେହାନ୍ତରେ ମନ୍ଦିରର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ପନିପରିବାରେ ଦେବଦେବୀଙ୍କ ପ୍ରତିକୃତି



**ବାଲେଶ୍ୱର, ୧୭।୧(ସମିସ):** ପୁଲିସ ଲାଇନ୍ ପଡ଼ିଆରେ ଚାଲୁଛି ପଲ୍ଲୀଶ୍ରୀ ମେଳା-କୋଶମ୍ବ। ଏହି ମେଳାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବିଭିନ୍ନ ପ୍ରଜାତିର ଫୁଲ ଓ ଉନ୍ନତମାନର ପନିପରିବା ପ୍ରଦର୍ଶିତ ହୋଇଛି। ତେବେ ସବୁଠୁ ଆକର୍ଷଣ ସାଜୁଛି ବୋଇତାଳୁ ଓ ଲାଉରେ ତିଆରି ଦେବଦେବୀଙ୍କ ପ୍ରତିକୃତି। ପ୍ରଥମେ କିଛି ଦିନ ପନିପରିବାରେ ଶ୍ରୀଗଣେଶ ଏବଂ ମହାକାଳେଶ୍ୱରଙ୍କ ପ୍ରତିକୃତି ପ୍ରଦର୍ଶିତ ହୋଇଥିବା ବେଳେ ଆଜି ବୋଇତାଳୁରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିକୃତି ତିଆରି ହୋଇ ପ୍ରଦର୍ଶିତ ହୋଇଛି। ଏହାବ୍ୟତୀତ ଚାରିପାଖେ ବାଇଗଣ, ବିଟ୍ ଓ ଗାଜରରେ ସାଜସଜ୍ଜା କରାଯାଇଛି। ଯାହାକୁ ଦେଖିବା ପାଇଁ ଷ୍ଟଲ୍ ନିକଟରେ ଭିଡ଼ ହେଉଛି। ବାହାନଗା ବ୍ଲକର ଚାଷୀ ମହେଶ୍ୱର ପ୍ରମାଣିକଙ୍କ ୨୧.୫ କେଜିର ଓଲୁଅ ଷ୍ଟଲ୍‌ରେ ପ୍ରଦର୍ଶିତ ହୋଇଛି। ଷ୍ଟଲ୍ ନିକଟରେ ଉଦ୍ୟାନ କୃଷି ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ଲୋକମାନଙ୍କୁ ସରକାରୀ ସୁବିଧା ବାବଦରେ ସୂଚନା ମଧ୍ୟ ପ୍ରଦାନ କରୁଛନ୍ତି। ପ୍ରକାଶ ଥାଉ କି, ଜିଲ୍ଲାରେ ୫୦୦ ଫୁଲ ଚାଷୀ ଥିବାବେଳେ ପ୍ରାୟ ୨୫୦୦ ପନିପରିବା ଚାଷୀ ରହିଛନ୍ତି।

**ରାଜ୍ୟସ୍ତରୀୟ ଅଣତାଲିମପ୍ରାପ୍ତ ଜୁନିୟର ରେଡକ୍ରସ କାଉନସେଲର ପ୍ରଶିକ୍ଷଣ ଶିବିର**

# ଦୁଇ ଜିଲ୍ଲାରୁ ଭାଗନେଲେ ୬୦ଜଣ କାଉନସେଲର

**ବାଲେଶ୍ୱର/ବାହାନଗା, ୧୭।୧(ସମିସ)**

ରାଜ୍ୟ ଜୁନିୟର ରେଡ଼କ୍ରସ ଓ ଜିଲ୍ଲା ଜୁନିୟର ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପାଳପୁର, ବାହାନଗା ବାଲେଶ୍ୱରଠାରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଏହି ଶିବିର ଜାନୁଆରି ୧୫ରୁ ୧୭ ତିନି ଦିନ ଧରି ଚାଲିଥିଲା। ଆଜିର ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା



ଶିକ୍ଷା ଅଧିକାରୀଣି ତଥା ଜିଲ୍ଲା ଜୁନିଅର ରେଡ଼କ୍ରସର ଅଧକ୍ଷା ପ୍ରାଚୀ ତନୟା ଗିରି ଯୋଗ ଦେଇ ରେଡ କ୍ରସର ଜନକ ହେନେରୀ ଡୁନାଣ୍ଟଙ୍କ ସେବା ବିଶ୍ୱ ବାସୀଙ୍କ ପାଇଁ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର ରେଡ କ୍ରସର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଜୁନିୟର ରେଡ଼କ୍ରସ ସେକ୍ରେଟାରୀ ଅଶୋକ କୁମାର ନାୟକ ଓ ପ୍ରଧାନ ଶିକ୍ଷୟିତ୍ରୀ କିରଣବାଳା ମଲ୍ଲିକ ଉପସ୍ଥିତ ରହି ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଉକ୍ତ ସଭା କାର୍ଯ୍ୟକୁ ସାଧନ କର୍ମୀ ନବରଙ୍ଗପୁର ଜିଲ୍ଲାର ପୂର୍ବତନ ଜୁନିୟର ରେଡ଼କ୍ରସ ଅଧିକାରୀ ତଥା ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ଜଳେଶ୍ୱରର ଜେଆର ସି କାଉନସେଲର ନାରାୟଣ ପାଇକରାୟ ପରିଚାଳନା କରିଥିଲେ। ଅନ୍ୟତମ ସାଧନ କର୍ମୀଭାବେ ମୋନୋଜ ଜେନା ଓ ଦନାର୍ଦ୍ଦନ ଖିଲାର ଉପସ୍ଥିତ ଥିଲେ।

ଏଥିରେ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ସବୁ ବ୍ଲକରୁ ତିନି ଜଣ ଲେଖାଏ ଷାଠିଏ ଜଣ କାଉନସେଲର ତାଲିମ ନେଇଥିଲେ। ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଦୁଇଦିନ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିରଣ ବାଳା ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସକାଳ
THE SAKALA



## ଚାଷୀଙ୍କୁ କଟନୀଛଟନୀ ଭୟ

# ମଣ୍ଡିରେ କୁଆ ଉଡୁଛି

ବାରିକପୁର, ୧୭ ।୧(ସମିସ)



ଗତ ୫ତାରିଖ ଠାରୁ ସରକାରୀ ଧାନ ମଣ୍ଡି ଉଦ୍‌ଘାଟନ ହୋଇଛି । ଯେଉଁ ଚାଷୀମାନେ ପ୍ରାଥମିକ ପର୍ଯ୍ୟାୟରେ ଧାନ ବିକ୍ରି ପାଇଁ ଟୋକନ ପ୍ରାପ୍ତ ହେଇଥିଲେ ସେଗୁଡିକର ଅବଧି ଶେଷ ହେବାକୁ ବସିଲାଣି। ପରିତାପର ବିଷୟ ଏଯାଏଁ ଅନେକ ମଣ୍ଡିରେ ଏଯାଏଁ ମୁଠାଏ ଧାନ କ୍ରୟ ହୋଇନାହିଁ। ସରକାରୀ ମଣ୍ଡିରେ ସତେଯେମିତି କୁଆ ଉଡୁଛି। ମଣ୍ଡିରେ ଚାଷୀଙ୍କ ଭିଡ଼ ନାହିଁ କି ମିଲ କର୍ତ୍ତୃପକ୍ଷ ତଥା ଆର୍‌ଏମସି କର୍ମଚାରୀଙ୍କର ମଧ୍ୟ ଦେଖାନାହିଁ। କଟନୀଛଟନୀ ବ୍ୟବସ୍ଥା ପାଇଁ ଏଯାଏଁ ଧାନ କିଣା ହୋଇନଥିବା ଜଣାପଡ଼ିଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକର ୧୬ ଗୋଟି ମଣ୍ଡିରେ ଧାନ କ୍ରୟ ପାଇଁ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ତନ୍ମଧ୍ୟରୁ ଆଠ ଗୋଟି ମଣ୍ଡି ଏସ୍‌ଏଚଜି ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ବେଳେ ବାକି ୮ଗୋଟି ମଣ୍ଡି ସମବାୟ ସମିତି ଦ୍ୱାରା ପରିଚାଳିତ ହେଉଛି। ହାତଗଣତି କେତେ ଗୋଟି ମଣ୍ଡିକୁ ଛାଡ଼ିଦେଲେ ପ୍ରାୟତଃ ମଣ୍ଡିରେ କଟନୀକୁ ନେଇ ବୁଝାମଣା ହୋଇପାରୁନାହିଁ। ମିଲରମାନେ ଆଠ କେଜି କଟନୀ ପାଇଁ ଜିଦ୍ କରୁଥିବା ବେଳେ ଚାଷୀମାନେ ଏଥିରେ ସହମତି ହେଉନଥିବା ଜଣାପଡ଼ିଛି। ଯେଉଁଠି ଏଫ୍‌ଏକ୍ୟୁ ମାନ ଧାନ ମଣ୍ଡିକୁ ଆସୁଛି ସେଠି ମଧ କଟନୀ ପାଇଁ ସ୍ଥିର ହେଉଥିବା ଜଣାଯାଇଛି। ମୋଟାମୋଟି ଭାବେ କଟନୀ ଛଟନୀ ପାଇଁ ଧାନ କ୍ରୟ ବ୍ୟବସ୍ଥା ଝୁଲି ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ମଣ୍ଡିର ଏଭଳି ଚିତ୍ର ମଞ୍ଜୁରୀ ରୋଡ ଠାରୁ ଆରମ୍ଭ କରି ବାଲି ପୋଖରୀ, ମାଳଦା, କୋରି ଗାଁ ଅଞ୍ଚଳ ଯାଏଁ ଦେଖାଯାଇଛି।

## ● ସମାଜ ବିଜ୍ଞାନ ବିଭାଗର ପ୍ରତିଷ୍ଠା ଦିବସ ପାଳିତ

# ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବାକୁ ଦାବି

**ଭଦ୍ରକ, ୧୭ ।୧(ସମିସ):** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ବିଭାଗର ପ୍ରତିଷ୍ଠା ଦିବସ ଅବସରରେ ଦ୍ୱାଦଶତମ ରବି ନାରାୟଣ ମହାନ୍ତି ସ୍ମାରକୀ ସେମିନାର ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ଦାସ ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମର ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ଦୃଢ଼ ନିଷ୍ଠା ଓ ଅଧ୍ୟବସାୟ ବଳରେ ଶିକ୍ଷା ଆହରଣ କରିବା ସହ ଆନୁସଙ୍ଗିକ ସମୟରେ ସମାଜରେ ପ୍ରୟୋଗ କରିବା ପାଇଁ ଦିଗଦର୍ଶନ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଅରୁନ୍ଧତୀ ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଡ. ମହାନ୍ତି ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ପୁରାତନ ଛାତ୍ରଛାତ୍ରୀଙ୍କ ଗୌରବମୟ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମାଜବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଗଲେ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ମତ ପୋଷଣ କରିଥିଲେ। ଏହି ଅବସରରେ ସମାଜ ବିଜ୍ଞାନ ସମ୍ମାନରେ ଟପ୍ପର ହୋଇଥିବା ଆଦ୍ୟାଶା ମହାପାତ୍ରଙ୍କୁ ଆରଏନ୍. ମେମୋରିଆଲ ଟ୍ରଫି, ନଗଦ ରାଶି ଓ ପ୍ରମାଣ ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ଅଧ୍ୟାପିକା ସୁଶ୍ରୀ ସାଗରିକା ଦାଶ ମହାପାତ୍ର, କାଶୀନାଥ ସ୍ୱାଇଁ, ବାସନ୍ତୀ ମାଝୀ, ପୂର୍ବତନ ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଜେନା, ପୂର୍ବତନ ଛାତ୍ର ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ଟପ୍ପର ଆଦ୍ୟାଶାଙ୍କ ଅଭିଭାବକ ଆଇନଜୀବୀ ପ୍ରକାଶ ମହାପାତ୍ର ଓ




ସମାଜସେବୀକା ତପସ୍ୱିନୀ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଓଡ଼ିଶାର ଗ୍ରାମୀଣ ଜୀବନ ଜୀବିକାରେ ପାଇଁ କୃଷି ଓ ପଶୁସମ୍ପଦର ଉପଯୋଗ' ଶୀର୍ଷକରେ ସେମିନାର ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ଗତ ୧୧ ତାରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଦ୍ୱାଦଶତମ ଆରଏନ୍ ମହାନ୍ତି ସ୍ମାରକୀ ବକ୍ତୃତାମାଳାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ● ଧରାପଡ଼ିଲେ ଡ୍ରଗ୍ ମାଫିଆ


# ୨.୪୦ଲକ୍ଷ ଟଙ୍କା ସହ ୫ ମୋବାଇଲ ଜବତ

**ଭଦ୍ରକ, ୧୭ ।୧(ସମିସ):** ପୂର୍ବରୁ ଧରା ପଡ଼ିଥିବା ବ୍ରାଉନସୁଗର ଅଭିଯୁକ୍ତ ଲିଙ୍କ୍‌ରେ ଥିବା ପୁଣି ୨ ଅଭିଯୁକ୍ତଙ୍କୁ ଗିରଫ୍ କରିଛି ଭଦ୍ରକ ପୁଲିସ। ଏହି ବ୍ରାଉନସୁଗର ବେପାରୀ ବେପାର କରି ନଗଦ ୨ଲକ୍ଷ ୪୦ହଜାର ଟଙ୍କା ଧରି ଫେରୁଥିବା ବେଳେ ପୋଲିସ ସ୍କ୍ୱାର୍ଡ ସେମାନଙ୍କୁ କାବୁ କରିଥିଲା। ପୂର୍ବରୁ ଏସ୍‌ଟିଏଫ୍ ପଞ୍ଝାରେ ଏମାନେ ପଡ଼ିଥିଲେ। ତେବେ ନିକଟରେ ଭଦ୍ରକ ପୁଲିସ ଚରମ୍ପା ଅଞ୍ଚଳରୁ ଯେଉଁ ୨ଭାଇଙ୍କୁ ବ୍ରାଉନସୁଗର ବେପାର ଲାଗି ଗିରଫ କରିଥିଲା ସେହି ସମୟରେ ସେମାନଙ୍କ ସହଯୋଗୀମାନେ ଖସି



ଯାଇଥିଲେ। ଭଦ୍ରକ ଏସ୍‌ପିଙ୍କ ସ୍ୱତନ୍ତ୍ର ସ୍କ୍ୱାର୍ଡ ଓ ଟାଉନ୍ ପୋଲିସ ୨ଜଣ ଙ୍କୁ ଖୋଜୁଥିଲା। ଏହି ୨ ଅଭିଯୁକ୍ତ ବ୍ରାଉନସୁଗାର ବିକ୍ରି କରି ଟଙ୍କା ନେଇ ଫେରୁଥିବା ବେଳେ ବନ୍ତ ଛକ ନିକଟ ରେ ପୁଲିସ ମାଡ଼ି ବସିଥିଲା। ଗିରଫ ୨ ଜଣ ହେଲେ ପୁରୁଣା ବଜାର ଥାନା ଅଧୀନ ଚଡାକ ମହଲାର ଛୋଟୁ ଓରଫ୍ ଗୁଲିସ୍ଥାନ ଖାନ (୨୭) ଓ ସରକାର ନଗରର ଜ୍ୟୋତି ଓରଫ୍ ଏସ କେ ଆବିଦ (୨୭)ବୋଲି ପୋଲିସ ସୂଚନା ଦେଇଛି। ଦୁଇ ଅଭିଯୁକ୍ତଙ୍କ ନିକଟରୁ ୨ ଲକ୍ଷ ୪୦ ହଜାର ନଗଦ ଟଙ୍କା, ୫ଟି ମୋବାଇଲ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ୍ ହୋଇଛି ବୋଲି ଆଜି ଟାଉନ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଓ ଟାଉନ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି।

# ଅସଦାଚରଣ କରି ବୃଦ୍ଧ ଗିରଫ



**ତିହିଡ଼ି, ୧୭।୧(ସମିସ):** ଜଣେ ଯୁବତୀଙ୍କ ସହ ଅସଦାଚରଣ କରିବା ଅଭିଯୋଗରେ ତିହିଡ଼ି ପୁଲିସ ଜଣେ ୬୫ ବର୍ଷ ବୟସ୍କ ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ସ୍ଥାନୀୟ ଅଞ୍ଚଳରେ ଏକ ଉତ୍ସବ ପାଳନ ହେଉଥିବା ବେଳେ ବୁଡ଼ଙ୍ଗ ଗ୍ରାମର ଅଭିମନ୍ୟୁ ବାରିକ ଓରଫ ବାଦୁଡ଼ି ସେଠାରେ ପହଞ୍ଚିଥିଲେ। ତେବେ ସେଠାରେ ଜନୈକ ବ୍ୟକ୍ତିଙ୍କ ଘରେ କେହିନଥିବାର ସୁଯୋଗ ନେଇ ନିଦରେ ଶୋଇଥିବା ଯୁବତୀଙ୍କ ସହ ଅସଦାଚରଣ କରିଥିଲେ। ଏ ନେଇ ଯୁବତୀ ଜଣଙ୍କ ଅଭିଯୋଗ କରିବା ପରେ ପୁଲିସ ଅଭିମନ୍ୟୁଙ୍କୁ ଗିରଫ କରିଛି।

# ସାଙ୍ଗ ସ୍ତ୍ରୀର ମିଥ୍ୟା ଭିଡିଓ ଭାଇରାଲ କରି ଯୁବକ ଗିରଫ



**ତିହିଡ଼ି, ୧୭।୧(ସମିସ):** ନିଜ ସାଙ୍ଗକୁ ମଧ୍ୟ ଧୋକ୍କା ଦେବାକୁ ପଛାଇଲେ ନାହିଁ ଯୁବକ। ସାଙ୍ଗ ସ୍ତ୍ରୀର ମିଥ୍ୟା ଭିଡିଓ ଭାଇରାଲ କରି ଶେଷରେ ଗିରଫ ହୋଇଛନ୍ତି ସମ୍ପୃକ୍ତ ଯୁବକ। ସୂଚନା ଅନୁଯାୟୀ ତିହିଡ଼ି ଥାନା ଅଧୀନ କାଁପଡ଼ା ଗ୍ରାମର ମଳୟ ମଲିକ (୨୧) ଙ୍କର ସାଙ୍ଗ ବାହାରେ ରୁହନ୍ତି। ମଳୟ ନିଜ ସାଙ୍ଗ ସ୍ତ୍ରୀଙ୍କୁ ପ୍ରେମ୍ୟରଲାଭିତ କରିବା ପାଇଁ ଏକ ମିଥ୍ୟା ଭିଡିଓ ଭାଇରାଲ କରିଥିଲେ। ଏ ନେଇ ଜାଣିବା ପରେ ତିହିଡ଼ି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମଳୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

**ତିହିଡ଼ି, ୧୭।୧(ସମିସ):** ତିହିଡ଼ି ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ତିହିଡ଼ି ଚନ୍ଦ୍ରଶେଖର ରତ୍ନାକର ସହଯୋଗ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଅତିରିକ୍ତ ବିଡିଓ ମାନସ ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ପ୍ରଧାନ ଶିକ୍ଷକ ସମରେନ୍ଦ୍ର ମିଶ୍ର ଓ ପ୍ରମୁଖ ଶିବିର ଉଦଘାଟନ କରିଥିଲେ। ବିଭିନ୍ନ ବିଭାଗରେ ମୋଟ ୪୧୭ ରୋଗୀ ପଞ୍ଜୀକୃତ ହୋଇଥିବା ବେଳେ ଶାରିରୀକ ଭିନ୍ନକ୍ଷମ ୧୮୧ ଜଣ, ୦ ରୁ ୧୪ ବର୍ଷ ବୟସ୍କ ସମସ୍ତ ପ୍ରକାର ରୋଗୀ ୪୮, ମାନସିକ ଅନଗ୍ରସର ୯୦ ଜଣ, ଦୃଷ୍ଟି ବାଧିତ ୨୭ ଜଣ, ଶ୍ରବଣ ବାଧିତ ୭୧ ଜଣ ଭିନ୍ନକ୍ଷମଙ୍କର ପରୀକ୍ଷା କରାଯାଇଥିଲା। ଶାରିରୀକ ବିଭାଗରେ ଡାକ୍ତର ବିଶ୍ୱଜିତ ରାଏ, ଶିଶୁ ବିଭାଗରେ ଡାକ୍ତର ରଶ୍ମିରଞ୍ଜନ ନାୟକ, ମାନସିକ ରୋଗ ବିଭାଗରେ ଡାକ୍ତର ମୀନକେତନ ମହାନ୍ତି, ଚକ୍ଷୁ ବିଭାଗରେ ଡାକ୍ତର ରମାକାନ୍ତ ସାହୁ ଓ ଶ୍ରବଣ ବିଭାଗରେ ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ବିଶେଷଜ୍ଞ ପରୀକ୍ଷା କରିଥିଲେ।

# ଭେଣ୍ଡିଂ ଜୋନ ନିର୍ମାଣ ସ୍ଥାନ ନିରୂପଣ

**ଧାମନଗର, ୧୭ ।୧(ସମିସ):** ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଧାମନଗର ଏନ୍‌ଏସି ଅଞ୍ଚଳରେ ଥିବା ସରକାରୀ ଜମି ଉପରେ ଆର୍‌ଏମ୍‌ସି ତରଫରୁ ମାର୍କେଟ କମ୍ପ୍ଲେକ୍ସ ଏବଂ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଛନ୍ତି। ଧାମନଗର ଏନ୍‌ଏସି ଅଧୀନ ମେଡିକାଲ ବଜାର, ଦକ୍ଷିଣବାଡ ଛକଠାରେ ଆର୍‌ଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ପରେ ବ୍ଲକ ବଜାର ଛକଠାରେ ମାଛ ବ୍ୟବସାୟୀଙ୍କ ପାଇଁ ପ୍ରସ୍ତାବିତ ପିଣ୍ଡି ନିର୍ମାଣ ସ୍ଥଳ ବୁଲି ଦେଖୁଥିଲେ। ଭଦ୍ରକ ଫେରିବା ବାଟରେ ପଳିକିରୀ ଛକ ଶିବ ମନ୍ଦିର ଅପର ପାର୍ଶ୍ୱରେ ଭଦ୍ରକ ଆର୍‌ଏମସି ପକ୍ଷରୁ ମାର୍କେଟ କମ୍ପ୍ଲେକ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥିଲେ। ଉପଜିଲ୍ଲାପାଳଙ୍କ ଗସ୍ତ ବେଳେ ସ୍ଥାନୀୟ ତହସିଲଦାର ଦୀପକ କୁମାର ଦାସ, ବିଡିଓ ବନବିହାରୀ ଦିନ୍ଦା, ବିଧାୟକଙ୍କ ପ୍ରତିନିଧି ଅଶୋକ ପୁହାଣ, କୈଳାଶ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ଅରବିନ୍ଦ ପତି, ସରୋଜ ମହାପାତ୍ର, ଆର୍‌ଏମସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ହିସାବ ରକ୍ଷକ ରଣଜିତ ଲେଙ୍କା, ଆର୍‌ଆଇ ପ୍ରକାଶ ମଲ୍ଲିକ, ହୃଦାନନ୍ଦ କର, ଯୁବନେତା ଆଇନଜୀବୀ ବିଜୟ ରାମ, ଶ୍ରୀକାନ୍ତ ନାୟକ ଓ ଅନ୍ୟ ବିଭାଗୀୟ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।



# କୁଇଜ୍ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

**ଭଦ୍ରକ, ୧୭ ।୧(ସମିସ):** ଆଗାମୀ ସାଧାରଣତନ୍ତ୍ର ଦିବସ ୨୦୨୫ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି କ୍ରମେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନରେ ଦେଶାତ୍ମବୋଧକ ସଙ୍ଗୀତ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ କାର୍ଯ୍ୟକ୍ରମର ପୃଷ୍ଠପୋଷକ ଭାବେ ସାଲନ୍ଦୀ ହସ୍‌ପିଟାଲ ଓ ସାଲନ୍ଦୀ ନର୍ସିଂ ସ୍କୁଲର ସତ୍ତ୍ୱାଧିକାରୀ ଡା. ପ୍ରଭାସ ଚନ୍ଦ୍ର ମହାନ୍ତି ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ମିଳିତ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳନା କରାଯାଇଥିଲା। ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ରାମନାରାୟଣ ମହାନ୍ତି, ସୁମତୀ ପଣ୍ଡା, ନିର୍ମଳ ରାଉତ, ସୀତାକାନ୍ତ ଦାସ, ବିଭୂତି ଭୂଷଣ ନାୟକ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। କନିଷ୍ଠ ବର୍ଗରେ ଜ୍ୟୋତି କନଭେଣ୍ଟ ସ୍କୁଲର ସମୀକ୍ଷା ନାୟକ ୧ମ, ଏସ୍‌ବିଡି ଇଣ୍ଟର ନ୍ୟାସନାଲ ସ୍କୁଲର ଓଜସ୍ୱିତା ମହାପାତ୍ର ୨ୟ, ଏନ୍‌ଆର୍‌ଆଇ ଇଣ୍ଟର ନ୍ୟାସନାଲ ସ୍କୁଲର ସଗୁନ ସେଣ୍ଠ ୩ୟ ସ୍ଥାନ ନେଇଥିଲାବେଳେ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ହିମାଦ୍ରୀ ତନୟା ପଣ୍ଡା ୧ମ, ଏସ୍‌ବିଡିର ପ୍ରାର୍ଥନା ପାଣିଗ୍ରାହୀ ୨ୟ, ବାହାବଳପୁର ସରକାରୀ ହାଇସ୍କୁଲର କ୍ରୀଷ୍ଟା ବେହେରା ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ସମସ୍ତ ବିଜେତାଙ୍କୁ ଭଦ୍ରକ କଲେଜ ପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ।

# ମହାପାତ୍ର ମିନତି ଭଞ୍ଜ ପାଇବେ ଲାଲ୍‌ମୋହନ ନାୟକ ସ୍ମୃତିସମ୍ମାନ

**ଭଦ୍ରକ, ୧୭ ।୧(ସମିସ):** ଆସନ୍ତା ୨୭ ତାରିଖ ମନୋରମା ସ୍ମୃତିସଂସଦ ଭଦ୍ରକ ପକ୍ଷରୁ ପାଳିତ ହେବାକୁ ଥିବା ୧୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସ୍ମୃତିକମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥପୁର ସ୍ଥିତ ତ୍ୟାଗଭୂମି ଭବନରେ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପ୍ରଦାନ କରାଯାଇ ଆସୁଥିବା ଶିକ୍ଷାବିତ୍ ଲାଲ୍‌ମୋହନ ନାୟକ ସ୍ମୃତିସମ୍ମାନ ଚଳିତବର୍ଷ ଜଣେ ପ୍ରଖ୍ୟାତ ସଙ୍ଗୀତଶିଳ୍ପୀଙ୍କୁ ଦିଆଯିବ ବୋଲି ନିଷ୍ପତି ହୋଇଥିଲା। ଏହି କ୍ରମରେ ବିଶିଷ୍ଟ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜଙ୍କୁ ଚଳିତବର୍ଷ ଲାଲ୍‌ମୋହନ ନାୟକ ସ୍ମୃତିସମ୍ମାନରେ ସମ୍ମାନିତ କରାଯିବାକୁ ସର୍ବସମ୍ମତିକ୍ରମେ ସ୍ଥିରୀକୃତ ହେଲା। ଏଥିରେ ପ୍ରଶସ୍ତିପତ୍ର ସହିତ ସମ୍ମାନ ସ୍ୱରୂପ ମନୋରମା ସ୍ମୃତିସ୍ମାରକୀ, ଉତ୍ତରୀୟ ଓ ନଗଦ ଅର୍ଥରାଶି ପ୍ରଦାନ କରାଯିବ।



ଶ୍ରୀମତୀ ଭଞ୍ଜ ମହାକବି ଜୟଦେବଙ୍କ ବିରଚିତ ଗୀତଗୋବିନ୍ଦର ରାଶିରାଶି ପଙ୍‌କ୍ତିକୁ ସଙ୍ଗୀତରେ ଜୀବନ୍ୟାସ ଦେବା ସହିତ ଅସଂଖ୍ୟ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଭଜନ ଓ ଜଣାଣ ଗାନକରି କେବଳ ରାଜ୍ୟ ନୁହେଁ ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ଶ୍ରୀମତୀ ଭଞ୍ଜ ହେଉଛନ୍ତି ଭଦ୍ରକ ଜିଲ୍ଲା ଦୋଳସାହି ବୁଡ଼ଙ୍ଗ ଗାଁ ନିବାସୀ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ଜଗନ୍ନାଥ କୁଅଁରଙ୍କ ଧର୍ମପତ୍ନୀ। ମନୋରମା ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ଅଜୟ ନାୟକଙ୍କ ଆବାହକତ୍ୱରେ ସମ୍ପାଦକ ଡ.ଅଭୟ ଦାସ ଓ ସଦସ୍ୟ ଭାବେ ଅଧ୍ୟାପକ ଡ.ବିଶ୍ୱରଞ୍ଜନ ଦାସ, ଅଧିବକ୍ତା ଗଦାଧର ବଳ, ବାବୁଲାଲ୍ ଦାସ, ସୁଧାକର ରାଉତ, ଲକ୍ଷ୍ମୀଧର ବାରିକ୍, ଗୌରାଙ୍ଗ ବାରିକ୍, ଦେବଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନସିପ୍

**ଦୋବଲ, ୧୭ ।୧(ସମିସ):** ଭଦ୍ରକ ଜିଲ୍ଲା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଧାମନଗର ବ୍ଲକ ଦୋବଲ କାଳୀପଡ଼ିଆ ଠାରେ ସିଏମ୍ ଟ୍ରଫି, ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ-୨୦୨୫ର ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଶ୍ୟାମା କ୍ଲବ୍ ତିହିଡି ସହିତ ସୁବର୍ଣ୍ଣେଶ୍ୱରୀ ୟୁଥ୍ କ୍ଲବ୍ ଆଗରପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣେଶ୍ୱରୀ ୟୁଥ୍ କ୍ଲବ୍ ଆଗରପଡ଼ା ୧.୦ ଗୋଲରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଏସ୍‌ବିଡି ଫୁଟବଲ କ୍ଲବ୍ ଗେଲପୁର ଭଦ୍ରକ ସହିତ ହେଲ୍ପ ଲାଇନ୍ କ୍ଲବ୍ ଧାମନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହେଲ୍ପ ଲାଇନ୍ କ୍ଲବ୍ ୧.୦ ଗୋଲରେ ବିଜୟ ହୋଇଥିଲା। ଏଥିରେ ୧୫ ବର୍ଷରୁ କମ୍ ୮ଟି ଟିମ୍ ଭାଗ ନେଇଛନ୍ତି। ଏହି ମ୍ୟାଚ୍‌କୁ ସେକ ରିଆଜ କାଦ୍ରି, ଶୁଶାନ୍ତ କୁମାର ବିଶ୍ୱାଳ, ସେକ ସଲିମ୍ ପରିଚାଳନା କରିଥିଲେ। ଶନିବାର ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଓ ରୋଭାର୍ସ କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ୍ ଓ ମା କୋଠାରୀ କ୍ଲବ କୋଠାର ସହିତ ଚାନ୍ଦବାଲି ଏନ୍‌ଏସି ଚାନ୍ଦବାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ।

# ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ

**ବନ୍ତ/ଆଗରପଡ଼ା, ୧୭।୧(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ସେବା ସମବାୟ ସମିତି ପକ୍ଷରୁ ଆଜି ଖରିଫ ବର୍ଷ ୨୦୨୪-୨୫ ପାଇଁ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ସମିତି ସମ୍ପାଦକ ମାନସ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ସମିତି ସଭାପତି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ ଏସ୍‌କେ ଟୁଡୁ, ଡିଡବ୍ଲୁଓ ଅଫିସିଆଲ ଆସିଷ୍ଟାଣ୍ଡ ଅୟାସକାନ୍ତ ମାଝୀ, ଡିପିସି ପ୍ରକାଶ ମାନା, ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ ତଥା ମିଲେଟ ମିଶନ ଫେସିଲିଟେଟିଂ ଏଜେଣ୍ଟ ପ୍ରମୁଖ ଉପସ୍ଥିତ ରହି କିପରି ଏହି ସମିତିରେ ମାଣ୍ଡିଆ ସଠିକ ଭାବରେ ପ୍ରଦାନ କରିବେ ଏନେଇ ଆଲୋଚନା କରିଥିଲେ। ପ୍ରଥମେ ମାଣ୍ଡିଆ ମଣ୍ଡିର ପୂଜା କାର୍ଯ୍ୟ ପୂଜକ ସତ୍ୟବ୍ରତ ପଣ୍ଡା ତୁଲାଇଥିବା ବେଳେ ସମିତି କର୍ମଚାରୀ ସନାତନ ବେହେରା, ଦୀପକ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀ ଉପସ୍ଥିତ ଥିଲେ।

# ମତୋ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

**ଭଦ୍ରକ, ୧୭ ।୧(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ମୋତୋ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରଧାନ ଶିକ୍ଷକ ରବିନ୍ଦ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବାର୍ଷିକ କ୍ରୀଡା ଉତ୍ସବରେ ମୋ ସ୍କୁଲ ଆଲୁମିନି କମିଟି ସଭାପତି ନରେଶ ଚନ୍ଦ୍ର ନାୟକ, ସରପଞ୍ଚଙ୍କ ପ୍ରତିନିଧି ଭାବେ ପ୍ରଦୀପ କୁମାର ପଲାଇ ଏବଂ ମୋ ସ୍କୁଲ ଅଲୁମିନି କମିଟିର ସଦସ୍ୟ ରମାକାନ୍ତ ପଲାଇ ଯୋଗଦେଇଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଭୁଦତ ପଣ୍ଡାଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ାର ବିବରଣୀ ପାଠ କରାଯାଇଥିଲା। ଏହି ବାର୍ଷିକ କ୍ରୀଡାରେ ୩୬ ଟି ବିଭାଗରେ ସର୍ବମୋଟ ୨୬୪ ଜଣ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ପତକା ଉତ୍ତୋଳନ କରି ବାର୍ଷିକ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ।

# ସାପ୍ ପକ୍ଷରୁ ସ୍ୱାସ୍ଥ୍ୟ ସହାୟତା

**ବାରିକପୁର, ୧୭ ।୧(ସମିସ):** ଭଣ୍ଡାରୀପୋଖରୀ ବ୍ଲକ ସରସଦା ପଞ୍ଚାୟତ ଅଧିନ ତୁଳସୀପୁର ରଣାଡ଼ିହ ଗ୍ରାମର ଗଣେଶ ଜେନାଙ୍କୁ ସାପ୍ ସଂଗଠନ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ପ୍ରଣୀତ କାନ୍ତି ସାମଲ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗଣେଶ ଦୀର୍ଘ ଦିନ ହେବ କିଡିନ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଶ୍ରୀ ସାମଲ ଗ୍ରାମରେ ପହଞ୍ଚି ଚିକିତ୍ସା ଖର୍ଚ୍ଚ ବାବଦରେ ଗଣେଶଙ୍କୁ ଆର୍ôଥକ ସହାୟତା ଦେଇଛନ୍ତି। ଏହାଛଡା ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ବରିଷ୍ଠ ନେତା ରତ୍ନାକର ଦାସ, ସରପଞ୍ଚ ରମେଶ ଜେନା, ଯୁବନେତା ସୌମ୍ୟରଞ୍ଜନ ଜେନା, କିଶୋର ଷେଣ୍ଠ, ସଂଗଠନର ସଦସ୍ୟ ଶରତ ପଲେଇ, ପ୍ରକାଶ ମହାପାତ୍ର, ଦେବଦତ ବିଶ୍ୱାଳ, ରମେଶ ନାୟକ, ମୃଷା ଜେନା, ବଳରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

**ଭଣ୍ଡାରିପୋଖରୀ, ୧୭।୧(ସମିସ):** ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପୃଷ୍ଠପୋଷକତାରେ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଦକ୍ଷିଣବାଡ ସରପଞ୍ଚ ସୁଶ୍ରୀ ବର୍ଷାରାଣୀ ଯେନା ମୁଖ୍ୟଅତିଥି, ଅଧ୍ୟାପକ ହରିହର ସାହୁ, ପ୍ରଶିକ୍ଷିକା ଗୌରୀ ଜେନା ଓ ଶିକ୍ଷିକା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ଆତ୍ମରକ୍ଷା କୌଶଳ ଶିକ୍ଷା ଓ ଉପଯୋଗ ବଳିଷ୍ଠ ପଦକ୍ଷେପ ବୋଲି ମତ ରଖିଥିଲେ। ପ୍ରଶିକ୍ଷାର୍ଥୀ ପୂଜାରାଣୀ ଜେନା, ଜ୍ୟୋସ୍ନାରାଣୀ ବାରିକ, ସ୍ମୃତିରେଖା ପ୍ରଧାନ, ଲିପିକା ବିଶ୍ୱଦର୍ଶନୀ ନାୟକ, ଜ୍ୟୋତିର୍ମୟୀ ସାହୁ, ହରପ୍ରିୟା ଦାସ ପ୍ରଶିକ୍ଷଣ ସମ୍ପର୍କରେ ମତ ରଖିଥିଲେ। ଏହି ଶିବିରରେ ପ୍ରଶିକ୍ଷଣପ୍ରାପ୍ତ ୧୦୨ ଛାତ୍ରୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଅଧ୍ୟାପକ ଆନନ୍ଦ ଚନ୍ଦ୍ର ନାୟକ ଅତିଥି ପରିଚୟ ଓ ସଂଯୋଜକ ଦିଲ୍ଲିପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମେଶ୍ୱର କ୍ରିକେଟ୍; ସଢ଼ା ଚମ୍ପିଅନ

**ବନ୍ତ/ଆଗରପଡ଼ା, ୧୭।୧(ସମିସ):** ବନ୍ତ ବ୍ଲକ ଅଧୀନସ୍ଥ ରାମଚନ୍ଦ୍ରପୁର ପଞ୍ଚାୟତ ପଡ଼ିଆରେ ତ୍ରୀଦିବସୀୟ ରାମେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସାହାରାଗଡ଼ିଆ ଓ ସଢ଼ା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସଢ଼ା ଚମ୍ପିଆନ ହୋଇଛି। ଉକ୍ତ ମ୍ୟାଚରେ ୮ଗୋଟି ଦଳ ନିଜର ଖେଳ ପ୍ରଦର୍ଶନ କରିଥିବାବେଳେ ସାହରାଗଡ଼ିଆ ଓ ସଢ଼ା ଫାଇନାଲକୁ ଉପନୀତ ହୋଇଥିଲେ। ପ୍ରଥମେ ସାହାରା ଗଡ଼ିଆ ଦଳ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୧୩୦ରନ୍ ସଂଗ୍ରହକରିଥିଲା। ଏହାର ବିଜୟଲକ୍ଷ୍ୟ ନେଇ ସଢ଼ା ଟିମ୍ ୧୨ ଓଭରରେ ୧୩୧ ରନ ସଂଗ୍ରହକରି ଚମ୍ପିଅନ ହୋଇଥିଲା।ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ରବୀନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିରୁପେ ପ୍ରାକ୍ତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ, ବିଜେଡି ଯୁବନେତା ସ୍ମୃତିରଞ୍ଜନ ସ୍ୱାଇଁ, ପ୍ରାକ୍ତନ ଶିକ୍ଷକ ରାଧାଶ୍ୟାମ ରାଉତ, ବସନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଅତିଥିଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ମ୍ୟାଚରେ ଟୁନା ବାରିକ, ସୟଦ ହାସିମ, ସମରେନ୍ଦ୍ର ମାଝୀ, କାଳନ୍ଦୀ ମାଝୀ, ଜଗବନ୍ଧୁ କର, ଗୋପାଳ ଦାସ ପ୍ରମୁଖ ଖେଳର ଧାରା ବିବରଣୀ ପାଠ ଓ ସ୍କୋରର ଦାଇତ୍ୱ ନିର୍ବାହ କରିଥିଲେ। ଏହାକୁ ରାମେଶ୍ୱର ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡଙ୍କାଗଡ଼ିଆ ବରପଦା ବିଜୟୀ

ବନ୍ତ/ଆଗରପଡ଼ା, ୧୭।୧(ସମିସ)



ବନ୍ତ ବ୍ଲକ ଗଣିଜାଙ୍ଗ ମା' ତାରିଣୀ ପଡ଼ିଆ ଠାରେ ଆଜାଦ କ୍ଲବ ପକ୍ଷରୁ ତିନିଦିନ ଧରି ଅନୁଷ୍ଠିତ ୧୨ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବେତରାକୁ ହରାଇ ଡଙ୍କାଗଡ଼ିଆ ବିଜୟୀ ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ନିର୍ଦ୍ଧାରିତ ୧୫ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ବେତରା ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ ଆରମ୍ଭ କରି ୧୨ ଓଭର ୨ଟି ବଲରେ ସମସ୍ତ ୱିକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା। ସେହିପରି ଡଙ୍କାଗଡ଼ିଆ ବରପଦା ନିର୍ଦ୍ଧାରିତ ୮୯ ରନକୁ ସହଜରେ ସଂଗ୍ରହ କରି ବିଜୟୀ ହାସଲ କରିଥିଲା। ଅକ୍ଷୟ କୁମାର ପଣ୍ଡା ଓ ପ୍ରଭାତ ରାଉତ ଅମ୍ପେୟର ଦାୟିତ୍ୱ ତୁଲାଇ ଥିବା ବେଳେ ଉଦୟ ନାଥ ପ୍ରଧାନ ଓ ଭରତ ପାଣିଗ୍ରାହୀ ଭାଷ୍ୟକାର ଓ ସୁବ୍ରତ ମହାପାତ୍ର ଏବଂ ଶୁଭମ ପ୍ରଧାନ ସ୍କୋରର କାର୍ଯ୍ୟ ତୁଲାଇ ଥିଲେ। ପୁରସ୍କାର ବିତରଣୀ ସଭାରେ ପ୍ରଭାତ ରାଉତଙ୍କ ସଭାପତିତ୍ୱରେ ସମାଜ ସେବୀ ମଦନ ଗୋପାଳ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ବିଜୟୀ ଟିମ ଡଙ୍କାଗଡ଼ିଆକୁ ଟଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଭାପତି ସମୀର ଘଡ଼େଇ, ସାମ୍ବାଦିକ ବିଜୟ ପଣ୍ଡା, ତପନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମୀନକେତନ ଜେନା, ଦେବୀପ୍ରସନ୍ନ ରାଉତ, ନାରାୟଣ କବି, ବିଶ୍ୱଜିତ ନାୟକ, ଶୁଭଙ୍କର ପଲେଇ, ପ୍ରତାପ ରାଉତ, ଦୀପଙ୍କର ପଲେଇ, ଅବିନାଶ ବିଶ୍ୱାସ, ସୌଭାଗ୍ୟ ଘଡ଼େଇ, ଚକ୍ରଧର ପ୍ରଧାନ, ଲୁଲୁ ଘଡ଼େଇ, ଶ୍ରୀମନ୍ତ ଘଡ଼େଇ, ପ୍ରକାଶ ବେହେରା ଓ କମିଟି ସଦସ୍ୟ ଏହି ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

**ସୁକିନ୍ଦା, ୧୭।୧(ସମିସ):** ୫୩ନଂ ଜାତୀୟ ରାଜପଥର ଡୁବୁରୀ-ଚଣ୍ଡିଖୋଲ ରାସ୍ତାର ବାଘବାହାଳି ବଙ୍ଗଳା ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଆରୋହୀ ପ୍ରଦୀପ ବେହେରାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ପ୍ରଦୀପ କଟକ ଜିଲ୍ଲା ବଡମ୍ବା ଅଞ୍ଚଳର ବୋଲି ଜଣାପଡ଼ିଛି। ପ୍ରଦୀପ କଟକସ୍ଥ ଏକ ଘରୋଇ ଗାର୍ମେଣ୍ଟ କମ୍ପାନୀରେ କାମ କରନ୍ତି। ଶୁକ୍ରବାର ପ୍ରଦୀପ କମ୍ପାନୀ କାମରେ ବାଇକ ନେଇ କେନ୍ଦୁଝର ଅଞ୍ଚଳକୁ ଯାଇ ସନ୍ଧ୍ୟାରେ ଫେରୁଥିବା ସମୟରେ ବଙ୍ଗଳା ଛକ ନିକଟରେ ଥିବା ବଡ଼ ଗାଡ଼ରେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପ୍ରଦୀପଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ଯାଜପୁରରେ ବିଗୁଡୁଛି ଆଇନଶୃଙ୍ଖଳା ▶ ପୁଣି ଦିନ ଦ୍ୱିପ୍ରହରରେ ଯାତ୍ରୀଙ୍କୁଠାରୁ ଲୁଟ୍

**ବ୍ରହ୍ମବରଦା, ୧୭।୧(ସମିସ)**

ଗତ ୪ ତାରିଖ ଦିନ ଦ୍ୱିପ୍ରହରରେ ପାଣିକୋଇଲିରେ ଘଟିଥିବା ସଶସ୍ତ୍ର ଡକାୟତି ଓ ଗୁଳିକାଣ୍ଡ ଘଟଣାର ଫେରାର ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ବିଫଳ ହୋଇଥିବାବେଳେ ଆଜି ଆଉଏକ ଘଟଣା ଜିଲ୍ଲା ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିନ ଦ୍ୱିପ୍ରହରରେ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଭୟଭୀତ କରି ଲୁଟ୍ କରିବା ଘଟଣା ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପୁଲିସକୁ ଅପରାଧୀ ଖୋଲା ଚ୍ୟାଲେଞ୍ଜ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।



ସୂଚନା ମୁତାବକ, ବ୍ରହ୍ମବରଦା ଥାନା ଅର୍ନ୍ତଗତ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟରାସ୍ତାର ଶଙ୍ଖ ମଠ ନିକଟରେ ଆଜି ଦିନ ଦ୍ୱିପହରରେ ଭୁଜାଲିରେ ଆକ୍ରମଣ କରି ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପାଣିକୋଇଲିସ୍ଥ ଦାମୋଦରପୁର ଗ୍ରାମର ସୁବାସ ଚନ୍ଦ୍ର ଦାଶଙ୍କ ପୁଅ କୃଷ୍ଣଚନ୍ଦ୍ର ଦାସ ଭଉଣୀ ଘରୁ ଗ୍ରାମକୁ ଫେରୁଥିବା ସମୟରେ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟରାସ୍ତାର ଶଙ୍ଖମଠ ନିକଟରେ ଦିନ ପ୍ରାୟ ୧.୨୦ ମିନିଟ ସମୟରେ ଦୁଇଜଣ ଦୁର୍ବୃତ୍ତ ସୁବାସଙ୍କୁ ଅଟକାଇ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ସୁବାସଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗି ରକ୍ତ ଜୁଡୁବୁଡ଼ ହୋଇ ସେ ତଳେ ପଡ଼ିଯାଇଥିବାବେଳେ ତାଙ୍କ ନିକଟରେ ଥିବା ୨ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ସେ ଏ ନେଇ ସ୍ଥାନୀୟ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ରହ୍ମବରଦା ଥାନା ପୁଲିସ ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରଖିଥିବାବେଳେ ଆହତଙ୍କୁ ଚିକିତ୍ସା ନିମନ୍ତେ ଧର୍ମଶାଳା ଗୋଷ୍ଠୀ ଚିକିତ୍ସାକେନ୍ଦ୍ରକୁ ପଠାଯାଇଥିବା ସୂଚନା ମିଳିଛି।

## ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ପତ୍ନୀଙ୍କ ଆତ୍ମହତ୍ୟା ଉଦ୍ୟମ

**ବଡ଼ଚଣା, ୧୭।୧(ସମିସ):** ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ବିଷପାନ କରି ପତ୍ନୀ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଭଳି ଏକ ଦୁଃଖଦ ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। କୁଆଖିଆ ଥାନା ଅନ୍ତର୍ଗତ ଖଇରାବାଦ ଅଞ୍ଚଳର ଗଙ୍ଗାଧର ମଲ୍ଲିକଙ୍କ ପୁଅ ସ୍ମୃତିକାନ୍ତ (୨୫) ଚଣ୍ଡିଖୋଲ ଛକରେ ଥିବା ଏକ ରସୁଣ ପିଆଜ ଗୋଦାମରେ ଗାଡ଼ି ଚାଳକ କାମ କରୁଥିଲେ। ୧୬ ତାରିଖ ରାତିରେ ସ୍ମୃତିକାନ୍ତ ଗୋଦାମ ଗୃହ ଭିତରେ ରହିଥିଲେ। ଆଜି ସକାଳେ ଗୋଦାମ ଘର କବାଟ ଖୋଲିବାରେ ବିଳମ୍ବ କରିବାରୁ ମାଲିକ ସନ୍ଦେହ କରି ଚଣ୍ଡିଖୋଲ ଫାଣ୍ଡିକୁ ଖବର ଦେଇଥିଲେ। ପୁଲିସ ଆସି ଘର କବାଟ ଭାଙ୍ଗି ସ୍ମୃତିକାନ୍ତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିଥିଲା। ଏ ନେଇ ସ୍ମୃତିକାନ୍ତଙ୍କ ପରିବାରକୁ ଖବର ଦିଆଯାଇଥିଲା। ତେବେ ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ପତ୍ନୀ ସାଗରିକା ମଲ୍ଲିକ ମାନସିକ ଭାରସାମ୍ୟ ହରାଇ ବିଷପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସାଗରିକା ଏବେ କଟକ ମେଡ଼ିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମୃତକଙ୍କ ଭାଇଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ୧/୨୫ରେ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ଖବରକାଗଜ ବିତରକଙ୍କ ପତ୍ନୀ ବିୟୋଗ



**ବାଲିଚନ୍ଦ୍ରପୁର, ୧୭।୧(ସମିସ):** ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଖବରକାଗଜ ବିତରକ ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ବର୍ଷିୟାନ ବିତରକ ବେଣୀପୁର ଗ୍ରାମର ଲକ୍ଷ୍ମୀଧର ଗୁଇଁଙ୍କ ପତ୍ନୀ ଜେମା ଗୁଇଁ (୮୫)ଙ୍କ ପରଲୋକ ଘଟିଛି। ଏ ଅବସରରେ ଅନୁଷ୍ଠିତ ଏକାଦଶାହରେ ବହୁ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମ୍ବାଦିକ ଭକ୍ତଚରଣ ସାହୁ, ସାମ୍ବାଦିକ ବୀରେନ୍ଦ୍ର ନାୟକ, କଣ୍ଠଶିଳ୍ପୀ ଅଜୟ ଜେନା, ଭରତ ବେହେରା, ଦାଶରଥି ସାହୁ, ତ୍ରିଲୋଚନ ସାହୁ, ପାଗଳ ଦେ, ସତ୍ୟାନନ୍ଦ ସାହୁ, ସମ୍ରାଟ ସାମଲ ଓ ବାବୁଲି ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଯାଜପୁର ଜିଲ୍ଲାରେ ଡିଜିଟାଲ ସାକ୍ଷରତା ସମ୍ମିଳନୀ

**ପାଣିକୋଇଲି, ୧୭।୧(ସମିସ):** ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡର ଯାଜପୁର ଡିଏଲସି ସନ୍ଦିପ କୁମାର ନାୟକଙ୍କ ଅଧିନାୟକତ୍ୱରେ ଯାଜପୁର ଜିଲ୍ଲାରେ ଥିବା ଏହାର ଅଧିକୃତ କମ୍ପ୍ୟୁଟର ସେଣ୍ଟରମାନଙ୍କ ମଧ୍ୟରେ ଏକ ବୈଠକ ପାଣିକୋଇଲିସ୍ଥିତ ସିଟ୍ କମ୍ପ୍ୟୁଟର ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସେ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱ ଏବଂ ଓକେସିଏଲ ଦ୍ୱାରା ଦିଆଯାଉଥିବା ସାର୍ଟିଫିକେଟ କିପରିଭାବେ ସରକାରୀ ଚାକିରୀପାଇଁ ଆବଶ୍ୟକ ସେ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାର ୨୦ରୁ ଅଧିକ ଶିକ୍ଷାକେନ୍ଦ୍ରର ମୁଖ୍ୟମାନେ ଏହି ସମ୍ମୀଳନୀରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ଓକେସିଏଲ କିପରି କୃତ୍ରିମ ବୁଦ୍ଧି ସଞ୍ଚାଳିତ ଏବଂ କୃତ୍ରିମ ବୁଦ୍ଧି ସମ୍ପୃକ୍ତ ଡିଜିଟାଲ କୋର୍ସ ଗୁଡିକ କମ୍ ଖର୍ଚ୍ଚରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉପଲବ୍ଧ କରାଯାଉଛି। ସମ୍ମିଳନୀର ଶେଷରେ ଜିଲ୍ଲା ମୁଖ୍ୟ ଶ୍ରୀ ନାୟକ ସମସ୍ତଙ୍କୁ ଡିଜିଟାଲ ସାକ୍ଷରତା ପ୍ରଚାରଏବଂ ଓକେସିଏଲର କୋର୍ସଗୁଡିକର ପ୍ରଭାବ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୋତ୍ସାହିତ କରିଥିଲେ।

## ଏସ୍ଏଚ୍‌ଜି କିସ୍ତି ଟଙ୍କା ନେଇ ସଭାନେତ୍ରୀ ଫେରାର



**ଦଶରଥପୁର, ୧୭।୧ (ସମିସ):** ଋଣ ଟଙ୍କାର ମାସିକ କିସ୍ତି ବ୍ୟାଙ୍କରେ ଜମା ନ କରି କିସ୍ତି ଟଙ୍କା ନଜେ ସଭାନେତ୍ରୀ ହଡପ କରି ଗାଁରୁ ଫେରାର ହୋଇଯାଇଥିବା ନେଇ ଯାଜପୁର ଟାଉନ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ବିଜିପୁର ଗ୍ରାମର ହରି ଓମ୍ ମହିଳା ଗୋଷ୍ଠୀର ସଦସ୍ୟା ଯାଜପୁର ଟାଉନସ୍ଥ ଏସ୍‌ବିଆଇରୁ ୫ ଲକ୍ଷ ଟଙ୍କା ଋଣ ଆଣି ବିଭିନ୍ନ ବ୍ୟବସାୟ ପାଇଁ ସମସ୍ତ ସଦସ୍ୟା ବାଣ୍ଟି ନେଇଥିଲେ। ଏହାକୁ ପରିଶୋଧ କରିବା ପାଇଁ ପ୍ରତି ମାସରେ ସମସ୍ତ ସଭ୍ୟା ଇଏମ୍ଆଇ ଆକାରରେ ଗୋଷ୍ଠୀର ସଭାପତି ହରପ୍ରିୟା ପାତ୍ରଙ୍କୁ ବ୍ୟାଙ୍କରେ ଜମା କରିବାକୁ କିସ୍ତି ଟଙ୍କା ଦେଉଥିଲେ। କିନ୍ତୁ ହରପ୍ରିୟା ସଭ୍ୟାଙ୍କ ଇଏମ୍ଆଇ ପରିଶୋଧ ଟଙ୍କାକୁ ବ୍ୟାଙ୍କରେ ଜମା କରିବା ପରିବର୍ତ୍ତେ ନିଜେ ଆତ୍ମସାତ କରୁଥିଲେ। ବିଭିନ୍ନ ସମୟରେ ଗୋଷ୍ଠୀର ସଭ୍ୟା ହରପ୍ରିୟାଙ୍କୁ ଟଙ୍କା ଜମା ସମ୍ପର୍କିତ ରସିଦ୍ କିମ୍ବା ଋଣ ପରିଶୋଧ ବ୍ୟାଙ୍କ ବହି ଦେଖାଇବାକୁ କହୁଥିଲେ ମଧ୍ୟ ସେ ବିଭିନ୍ନ ବାହାନାରେ ଆଜିକାଲି କହି ସମୟ ଗଡ଼ାଇ ଚାଲିଥିବାବେଳେ କିଛିଦିନ ହେବ ହରପ୍ରିୟା ଘରେ ଚାବି ପକାଇ ଗାଁରୁ କେଉଁଆଡେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ପକ୍ଷରୁ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଓ ସ୍ଥାନୀୟ ସିଆର୍‌ପି ପ୍ରମିଳା ରାଉତଙ୍କୁ ଯୋଗାଯୋଗ କରାଯିବା ପରେ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଥିବାବେଳେ ବ୍ୟାଙ୍କରେ ଗୋଷ୍ଠୀ ନେଇଥିବା ଋଣ କିସ୍ତି ଟଙ୍କା ଆଦୌ ଜମା ହୋଇ ନ ଥିବା ଜଣାପଡ଼ିଥିଲା। ଯାହାକୁ ନେଇ ଗୋଷ୍ଠୀର ସମ୍ପାଦିକା ରଶ୍ମିତା ପାତ୍ର ଓ ସମସ୍ତ ସଦସ୍ୟ ଆଜି ଯାଜପୁର ଟାଉନ ଥାନାରେ ଗୋଷ୍ଠୀ ସଭାନେତ୍ରୀ ହରପ୍ରିୟାଙ୍କ ବିରୁଦ୍ଧରେ ଟଙ୍କା ହଡ଼ପ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଗ୍ରାମରେ ଥିବା ହରପ୍ରିୟା ଓ ସିଆର୍‌ପି ପ୍ରମିଳା ରାଉତଙ୍କ ବାସଭବନକୁ ଘେରଉ କରିଥିବାବେଳେ ଗ୍ରାମର କିଛି ମୁରବିଙ୍କ ହସ୍ତକ୍ଷେପ ପରେ ତାହା ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ଟଙ୍କା ହଡ଼ପ ଘଟଣାକୁ ନେଇ ବିଜିପୁର ଗ୍ରାମରେ ଅସନ୍ତୋଷ ସୃଷ୍ଟି ହୋଇଛି।

## ଆୟୁର୍ବେଦିକ ସ୍ୱାସ୍ଥ୍ୟସେବା ଶିବିର



**ବଡଚଣା, ୧୭।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ଓ ଯୋଗେନ୍ଦ୍ର ଆୟୁର୍ବେଦର ମିଳିତ ସହଯୋଗରେ ଏକ ଆୟୁର୍ବେଦିକ ସ୍ୱାସ୍ଥ୍ୟ ସେବା ଶିବିର ଧାନମଣ୍ଡଳସ୍ଥିତ ଉଦୀୟମାନ କଳା ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଆଇନଜୀବୀ ଉଦୟନାଥ ସାହୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉଦୀୟମାନ ମହିଳା ସଂଗଠନର ସଭାନେତ୍ରୀ ଦେବଯାନୀ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଡାକ୍ତର ଦେବବ୍ରତ ସାମନ୍ତରାୟ ଓ ଯୁବ ସମାଜସେବୀ ପ୍ରୀତମ ନାୟକ ପ୍ରମୁଖ ଯୋଗଦେଇ ଏଭଳି ଏକ ସାଧୁ ଉଦ୍ୟମ ପାଇଁ ଯୋଗେନ୍ଦ୍ର ଆୟୁର୍ବେଦ ଓ ଉଦୀୟମାନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ। ଅନୁଷ୍ଠାନର ସମ୍ପାଦକ ଅନୀଲ କୁମାର ଦାସ ଉଦୀୟମାନ ଅନୁଷ୍ଠାନର ସେବା ଯୋଜନାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଶିବିରରେ ଉପସ୍ଥିତ ରହି ଡାକ୍ତର ଦେବବ୍ରତ ସାମନ୍ତରାୟ, ପାରମ୍ପରିକ ବୈଦ୍ୟ ମହେଶ କୁମାର ନାୟକ ଓ ଗଣେଶ୍ୱର ସାହୁ ପ୍ରମୁଖ ଶତାଧିକ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ପରେ ରୋଗୀ ମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ହିମାଳୟ ଡିଭିଜନର ଅଡ଼ବାନ୍ଧବ ମିଶ୍ର, ସୁଜିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସଞ୍ଜୀବ ସାମଲ, ପାର୍ବତୀ ସାହୁ, ମୋନାଲିସା ପ୍ରଧାନ, ଗାୟତ୍ରୀ ରାଉତ, ସରୋଜିନୀ ପଣ୍ଡା, ପ୍ରତାପ ରାଉତ, ବେଣୁଧର ପ୍ରଧାନ, ଶର୍ମିଷ୍ଠା ଜେନା ଓ ଗାୟତ୍ରୀ ଗୁରୁମା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା

**ଦାନଗଦି, ୧୭।୧(ସମିସ):** ଦାନଗଦି ବୁଦ୍ଧରାଜ ବିଦ୍ୟାପୀଠରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୭୭ ଜଣ ହିତାଧିକାରୀ ପଞ୍ଜିକୃତ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫୧୭ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ତିନି ଜଣଙ୍କୁ ବସ୍ ପାସ, ୨ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୫ ଜଣଙ୍କୁ ବାଣିଶ୍ରୀ ସ୍କୋଲାରସିପ୍, ୨ ଜଣଙ୍କୁ ସିଲିକନ ଫୁଟ ଇନସୋଲ, ୧୦ ଜଣଙ୍କୁ ଆଶାବାଡି, ୧୦ ଜଣଙ୍କୁ ମୋଟୋରାଇଜ ଟ୍ରାଇସାଇକଲ, ୭ ଜଣଙ୍କୁ ଟ୍ରାଇସାଇକଲ, ୧୭ ଜଣଙ୍କୁ ବଡ ହୁଇଲଚେୟାର, ଜଣଙ୍କୁ ହୁଇଲଚେୟାର ସହିତ କମଡ ପ୍ରଦାନ କରାଯାଇଥିଲା। ତେବେ ଶିବିରରେ ବହୁ ଅବ୍ୟବସ୍ଥା ଦେଖାଯାଇଥିଲା।



ବହୁ ଲୋକେ ଅନଲାଇନ ପଞ୍ଜିକରଣ କରିଥିଲେ ମଧ୍ୟ ସେମାନଙ୍କ ନାଁ ନ ଥିଲା। ନିରାଶ ହୋଇ ଫେରିଥିଲେ। ପିଇବା ପାଣିର ବ୍ୟବସ୍ଥା କରାଯାଇଥିଲେ ବି ଭିନ୍ନକ୍ଷମଙ୍କୁ ପାଣି ଟିକେ ପାଖରେ ଆଣି ଦେବାକୁ କେହି ନ ଥିଲେ। ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ମଧ୍ୟ ବିଡିଓଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ସହଯୋଗ କରି ନ ଥିଲେ। ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ। ପ୍ରତ୍ୟେକ ଥର ଏହି ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥାଏ। ଏଥର ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବୁଦ୍ଧରାଜ ସରକାରୀ ବିଦ୍ୟାପୀଠ ପରିସରରେ ଏହି ଶିବିର ଆୟୋଜନ କରାଯାଇଥିଲା। ଭିନ୍ନକ୍ଷମ ଓ ସେମାନଙ୍କ ସହ ଆସିଥିବା ଲୋକଙ୍କ ପାଇଁ ବସିବା ବ୍ୟବସ୍ଥା କରାଯାଇନଥିଲା। ଜିଲ୍ଲାପାଳ ଘଟଣାର ତଦନ୍ତ କରିବାକୁ ସାଧାରଣ ଲୋକେ ଦାବି କରିଛନ୍ତି।

## ମଙ୍ଗଳପୁର ମହିଳା କଲେଜରେ ଇଂରାଜୀ ସେମିନାର



**ଦଶରଥପୁର, ୧୭।୧ (ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ ମଙ୍ଗଳପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପକ୍ଷରୁ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ବିନାକ୍ଷୀ ମିଶ୍ର ଓ ବିଭାଗ ସମ୍ପର୍କିତ ଅତିଥି ଡଃ ସିଦ୍ଧାର୍ଥ ଶଙ୍କର ମହାପାତ୍ର ମିଳିତଭାବେ ପ୍ରଦୀପ ପ୍ରଜ୍ୱଳନ କରି ସେମିନାର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପ୍ରମିଳା ବାଇ ସେମିନାର ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେମିନାରରେ ଟ୍ରାଇଡେଣ୍ଟ ବେସରକାରୀ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ମହାପାତ୍ର ସେମିନାରେ ବିଭିନ୍ନ ସାରଗର୍ଭକ ତଥ୍ୟ ଉପସ୍ଥାପନ କରି ଛାତ୍ରଛାତ୍ରୀ ନିଷ୍ଠାର ସହ ସଫଳତା ପାଇଁ ଉଦ୍ୟମ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ରୋଜାଲିନ୍ ନାୟକ ସେମିନାରର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଇଂରାଜୀ ବିଭାଗର ଛାତ୍ରୀ ରାନୁ ସେଠୀ, ଜ୍ୟୋତିର୍ମୟୀ ସାମଲ, ଅଙ୍କିତା ସ୍ୱାଇଁ, ସୁପ୍ରିୟା ରାଉତଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀ ସେମିନାର ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଧର୍ମ ଜାଗରଣ ସମନ୍ୱୟ ପରିଷଦ ବୈଠକ

**ପାଣିକୋଇଲି, ୧୭।୧(ସମିସ):** ଯାଜପୁର ଜିଲ୍ଲା ଧର୍ମଜାଗରଣ ସମନ୍ୱୟର ବୈଠକ ପାଣିକୋଇଲିସ୍ଥ ମା' ମହାଲକ୍ଷ୍ମୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟବକ୍ତା ଭାବେ ପୂର୍ବକ୍ଷେତ୍ରର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ପ୍ରତି ବ୍ଲକର ପ୍ରତି ଗ୍ରାମରେ ଧର୍ମରକ୍ଷା ସମିତି ଗଠନ କରି ହିନ୍ଦୁଙ୍କ ମଧ୍ୟରେ ଧାର୍ମିକ ଜାଗରଣ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉକ୍ତ ସମିତିର କାର୍ଯ୍ୟକର୍ତ୍ତାଙ୍କ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ପ୍ରତି ମାସରେ ଆୟୋଜନ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା ସଂଯୋଜକ ସଂଗ୍ରାମ କେଶରୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କ୍ଷେତ୍ରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ତଦନୁଯାୟୀ ଜିଲ୍ଲା ପରିଚାଳନା ପ୍ରମୁଖ ଭାବେ ବିଜୟ କୁମାର ମହାପାତ୍ର, କୋରେଇ ଖଣ୍ଡ ସଂଯୋଜକ ରବୀନ୍ଦ୍ର କୁମାର ପଣ୍ଡା, ସହସଂଯୋଜକ କେଶବ ଚନ୍ଦ୍ର ବାରିକ, ଜିଲ୍ଲା ନିଧି ପ୍ରମୁଖ ସୁରେନ୍ଦ୍ର କୁମାର ସେଠୀ, ସହ ନିଧି ପ୍ରମୁଖ ଅନୀଲ ଦାସ ଓ ଜିଲ୍ଲା କମିଟିର ଦୁଇ ଉପଦେଷ୍ଟା ବାବାଜୀ ଚରଣ ରାଉତ ଓ ବିଶ୍ୱଜିତ ପଟ୍ଟନାୟକଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅରବିନ୍ଦ ପଟ୍ଟନାୟକ, ସାରସ ଦାସ, ଭରତ ବାରିକ, ଦେବଦତ୍ତ ରାୟ, ନିରଞ୍ଜନ ସାମଲ, ସନ୍ତୋଷ ଜେନା, ମହେନ୍ଦ୍ର ରାଉତ ଓ ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ସଚେତନତା ରଥର ଶୁଭାରମ୍ଭ



**ସୁକିନ୍ଦା, ୧୭।୧(ସମିସ):** ଶୁକ୍ରବାର ଦିନ ସୁକିନ୍ଦା ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଭିନ୍ନକ୍ଷମ ଅଭିଯାନ ରଥ ଶୁଭାରମ୍ଭ ହୋଇଛି। ସୁକିନ୍ଦା ବିଡ଼ିଓ ରେଶମା ଟେଟେ ପତାକା ଦେଖାଇ ବ୍ଲକ କାର୍ଯ୍ୟାଳୟରୁ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଯେକୌଣସି ଅଞ୍ଚଳର କୌଣସି ଭିନ୍ନକ୍ଷମ ବ୍ୟକ୍ତି ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇନଥିବେ ସେମାନେ ଆସନ୍ତା ୨୪ତାରିଖରେ ସୁକିନ୍ଦା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ହେବାକୁ ଥିବା ଶିବିରରେ ନିଜର ଭିନ୍ନକ୍ଷମତା ପରୀକ୍ଷଣ କରିପାରିବେ। ଏହି ଶିବିରକୁ ଆସିବା ପୂର୍ବରୁ ସେମାନେ ସରକାରଙ୍କ ୱେବ୍ ସାଇଟରେ ପଞ୍ଜୀକରଣ କରିଥିବା ଦରକାର ବୋଲି ଜନସାଧାରଣଙ୍କୁ ଅବଗତ କରାଇବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଏହି ରଥ ଆଜିଠାରୁ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ବୁଲି ଜଣାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ବିଡ଼ିଓ ସୂଚନା ଦେଇଛନ୍ତି।

## ବରୁଣେଇ ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ସିଂହପୁର, ୧୭।୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରୁଣେଇ କୃଷି ସେବା ସମବାୟ ସମିତିରେ ଆଜି ଧାନ ମଣ୍ଡି ଉଦଘାଟିତ ହୋଇଛି। ସମିତିର ସମ୍ପାଦକ ମାନସ ରଞ୍ଜନ କବିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ମଣ୍ଡିକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଭ୍ୟା ସୁନିତା ନାୟକ ଯୋଗଦେଇଥିଲେ। ମଣ୍ଡିରେ ଚାଷୀମାନେ ସରକାରୀ ଦରରେ, ନୀତିନିୟମ ରେ, ସରଳ ଉପାୟରେ ଧାନ କ୍ରୟ କରିପାରିବେ ବୋଲି ସମ୍ପାଦକ ଶ୍ରୀ କବି କହିଥିଲେ। ଆଜି ଚାଷୀମାନେ ଧାନ ବିକ୍ରୟ କରିଛନ୍ତି।

## ଆଜିଠୁ ରାଜ୍ୟସ୍ତରୀୟ ଇସ୍ତମା; ଯୋଗଦେବେ ଲକ୍ଷାଧିକ ଶ୍ରଦ୍ଧାଳୁ

**ବାଲିଚନ୍ଦ୍ରପୁର ୧୭।୧(ସମିସ):** ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବିକ୍ରମତିରଣ ପଞ୍ଚାୟତ ମାତକାତପୁରଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ତିନିଦିନିଆ ରାଜ୍ୟସ୍ତରୀୟ ଇସ୍ତମା। ଏହି ତିନି ଦିନିଆ ଇସ୍ଲାମିକ ଧର୍ମସଭାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାବେଶ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଇସ୍ତମା କାର୍ଯ୍ୟକ୍ରମ ପାଇଁ କମିଟି ପକ୍ଷରୁ ଏକ ବିଶାଳ ସ୍ଥାନ ଚୟନ କରାଯାଇ ସେଠାରେ ଶ୍ରଦ୍ଧାଳୁ ମାନଙ୍କର ରହିବା ଖାଇବା ସହିତ ସମସ୍ତ ବ୍ୟବସ୍ଥା କରାଯାଇଛି। ତେବେ ଏହି ରାଜ୍ୟସ୍ତରୀୟ ଇସ୍ତମା କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ଆଜି ସନ୍ଧ୍ୟାରେ ବାଲିଚନ୍ଦ୍ରପୁର ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୁଷ୍ପଲତା ବାରିକ, ଯାଜପୁର ଏସଡ଼ିପିଓ ସଞ୍ଜୟ ପଟ୍ଟନାୟକ, କାର୍ଯ୍ୟକ୍ରମର ଟ୍ରାଫିକ ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ସଞ୍ଜୟ ପରିଡ଼ା ଓ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ଯୋଗଦେଇ ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନଙ୍କର ସହଯୋଗ କାମନା କରିଥିଲେ।

## ରାଇଛନ୍ଦା ବାଲିଘାଟରୁ ବାଲି ଲୁଟ୍

## ଖଣି ଅଧିକାରୀଙ୍କ ଗସ୍ତର ଆଗୁଆ ସୂଚନା ପାଇ ମେସିନ ଗାଏବ୍



**କବାଟବନ୍ଧ, ୧୭।୧(ସମିସ)**

ରାଇଛନ୍ଦା ବାଲି ଘାଟକୁ ଖଣି ଅଧିକାରୀଙ୍କ ଗସ୍ତ ପୂର୍ବରୁ ଲିଜଧାରୀ ଆଗୁଆ ସୂଚନା ପାଇ ବାଲିଘାଟରୁ ମେସିନ ବାହାର କରିନେବା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଚକିତ କରିଛି। ଅନ୍ୟପକ୍ଷରେ ଲିଜଧାରୀ ଓ ଖଣି ଅଧିକାରୀଙ୍କ ଭିତିରି ସମ୍ପର୍କ ଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ରାଇଛନ୍ଦା ବାଲିଘାଟକୁ ବାଲି ଉତ୍ତୋଳନ ପାଇଁ ୫ ବର୍ଷ ପାଇଁ ଶ୍ରୀବାସ ଜେନା ନାମକ ବ୍ୟକ୍ତିଙ୍କୁ ଲିଜ୍ ପ୍ରଦାନ କରାଯାଇଛି। ଖାତା ନମ୍ବର ୪୮୧ ଓ ପ୍ଲଟ ନମ୍ବର ୨କୁ ୨୯/୮/୨୦୨୦ଠାରୁ ୧୧/୩/୨୦୨୫ ପର୍ଯ୍ୟନ୍ତ ଲିଜ ପ୍ରଦାନ କରାଯାଇଛି। ୮.୦୯୪ ହେକ୍ଟର ଏରିଆ ପାଇଁ ମୋଟ ୧, ୧୦, ୫୫, ୮୮୦ ଟଙ୍କାର ନିଲାମ ଦିଆଯାଇଛି। ଲିଜଧାରୀ ୨୬ ଡିସେମ୍ବର ୨୦୨୪ ସୁଦ୍ଧା ୪୬, ୮୧, ୮୭୭ ଟଙ୍କା ଜମା କରିଛନ୍ତି। ଲିଜ ଅବଧି ସରିବା ସମୟ ଆସୁଥିବାରୁ ଲିଜଧାରୀ ସରକାରୀ ନିୟମକୁ ଉଲ୍ଲଂଘନ କରି ଶହ ଶହ ଟ୍ରିପ ବାଲି ବେଆଇନ ଭାବେ ଉତ୍ତୋଳନ କରୁଛନ୍ତି। ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିବା ଅଞ୍ଚଳ ପରିବର୍ତ୍ତେ ଲିଜଧାରୀ ଲିଜ୍ ଏରିଆ ବାହାରୁ ଦିନରାତି ବାଲି ଉତ୍ତୋଳନ କରି କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କି ଚାଲିଛନ୍ତି। ଦୈନିକ ଶହ ଶହ ଗାଡ଼ି ବାଲି ପରିବହନ କରୁଥିବା କାରଣରୁ ସ୍ଥାନୀୟ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ଖଣି ଅଧିକାରୀ ଏହାର ତଦନ୍ତ ଓ ମାପଚୁପ ପାଇଁ ରାଇଛନ୍ଦା ବାଲିଘାଟକୁ ଟିକେଏସ୍ କନଟଲଟାନ୍ସି ସର୍ଭିସ ସହିତ ପହଞ୍ଚିଥିଲେ। ଖଣି ଅଧିକାରୀ ପହଞ୍ଚିବା ପୂର୍ବରୁ ବାଲିଘାଟରେ ବାଲି ଉତ୍ତୋଳନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ତେବେ ଅଧିକାରୀ ଆସିବା ପୂର୍ବରୁ ଲିଜଧାରୀଙ୍କୁ ଆଗୁଆ ସୂଚନା ମିଳିଯିବାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ବାଲିଘାଟକୁ ପରିଦର୍ଶନ ପାଇଁ ଆସିଥିବା ଖଣି ଅଧିକାରୀଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରି ନ ଥିଲେ।

## ବାବା ବରୁଣେଶ୍ୱର ମହିମା ଭଜନ କ୍ୟାସେଟ୍ ଉନ୍ମୋଚିତ



**ବିଞ୍ଝାରପୁର, ୧୭।୧(ସମିସ):** ପ୍ରସିଦ୍ଧ ବରୁଣେଶ୍ୱର ମେଳା ଅବସରରେ ବରୁଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଜି ବାବା ବରୁଣେଶ୍ୱରଙ୍କ ଏକ ଭଜନ କ୍ୟାସେଟ୍ ଉନ୍ମୋଚିତ ହୋଇଛି। ଏହି କ୍ୟାସେଟ୍‌ରେ ୧୦ଟି ଭଜନ ସ୍ଥାନିତ ହୋଇଥିବାବେଳେ ବିଞ୍ଝାରପୁର ତହସିଲଦାର କୈଳାସ ମହାଳିକଙ୍କ ଦ୍ୱାରା ଏହି କ୍ୟାସେଟ୍ ଉନ୍ମୋଚିତ ହୋଇଛି। ଏହି କ୍ୟାସେଟ୍‌ରେ ରହିଥିବା ବାବା ବରୁଣେଶ୍ୱର ଗୀତକୁ ଗୀତିକାର ତଥା ବିଞ୍ଝାରପୁରର ବର୍ତ୍ତମାନର ବିଡିଓ ହିତାଂଶୁ ଶେଖର ସାମଲ ରଚନା କରିଥିବାବେଳେ ଗୀତକୁ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି କଣ୍ଠଦାନ କରିଛନ୍ତି। ଉନ୍ମୋଚନ ସମୟରେ ବିଡିଓ ଓ ତହସିଲଦାରଙ୍କ ସହ ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ସମାଜସେବୀ ରାଜେନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅନ୍ୟ ଗୀତଗୁଡ଼ିକୁ ଗୀତିକାର ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସ ଓ ଶିକ୍ଷାବିତ ଅକ୍ଷୟ ଦାସ ରଚନା କରିଥିବାବେଳେ ସୁନାମଧନ୍ୟ ଗାୟିକା ଅରୂପମା ନାୟକ, ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ, ଅପରୂପା ତ୍ରିପାଠୀ, ଅଂଶୁମାନ ପଣ୍ଡା, ବିଜୟଲକ୍ଷ୍ମୀ ଶତପଥୀ, ଶ୍ରଦ୍ଧା ସୁମନ ତ୍ରିପାଠୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପରିଡ଼ା, କ୍ରିଷ୍ଣା କଲ୍ୟାଣୀ ବେହେରା, ଅନୁସୟା ଜେନା, ଦେବସ୍ମିତା ମିଶ୍ର ପ୍ରମୁଖ କଣ୍ଠଦାନ କରିଛନ୍ତି। ଏ ସମସ୍ତ ଗୀତକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ନିର୍ଦ୍ଦେଶନା ଦେଇଥିବା ଜଣାଯାଇଛି।

## ହାଇକୋର୍ଟ ରାୟକୁ ଅଣଦେଖା

# ବାତ୍ୟା କ୍ଷୟକ୍ଷତି ମରାମତି କାର୍ଯ୍ୟ କରୁଛନ୍ତି ବିଡିଓ

ଦୋବଲ,୧୭ ।୧(ସମିସ)

ବାତ୍ୟା ଦାନା ଜନିତ କ୍ଷୟକ୍ଷତିର ମରାମତି କାମ ଉପରେ ଓଡ଼ିଶା ଉଚ୍ଚ ନ୍ୟାୟଳୟ ଲଗାଇଥିବା ରହିତାଦେଶକୁ ଧାମନଗର ବ୍ଲକ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା ଅବମାନନା କରୁଥିବା ଅଭିଯୋଗ ହୋଇଛି। ହାଇକୋର୍ଟଙ୍କ ରାୟକୁ ଅଣଦେଖା କରି ବିଡିଓ ବିଭିନ୍ନ ପଞ୍ଚାୟତରେ କାମ କରାଉଥିବା ନେଇ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ। ତେବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଏନେଇ ଧାମନଗର ବିଡିଓଙ୍କୁ ତାଗିଦ କରିଥିବା କହିଛନ୍ତି ଅଭିଯୋଗକାରୀ ସରପଞ୍ଚ ଓ ସମିତି ସଭ୍ୟ। ଅକ୍ଟୋବର ୨୪ରେ ଆସିଥିବା ଦାନା ବାତ୍ୟା ଯୋଗୁଁ ଧାମନଗର ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ବ୍ଲକ ଓ ତହସିଲ ପକ୍ଷରୁ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ଏହି ରିପୋର୍ଟ ଆଧାରରେ ମରାମତି ଓ କ୍ଷତିପୂରଣ ଲାଗି ରାଜ୍ୟ ସରକାର ପ୍ରାୟ ୧୯ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ଟଙ୍କାରେ କମ୍ୟୁନିଟି ସେଣ୍ଟର, ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ କୋଠା, ଗ୍ରାମୀଣ ରାସ୍ତାକୁ ମିଶାଇ ୮୦୦ରୁ ଅଧିକ ପ୍ରକଳ୍ପ କରିବାକୁ ଚିଠା ପ୍ରଦାନ କରିଥିଲେ। ଏହାପରେ ପଞ୍ଚାୟତର ଜିଆରଏସ୍, କାର୍ଯ୍ୟ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଓ ବିଡିଓଙ୍କ ମାଧ୍ୟମରେ ଏ କାମ କରାଯାଉଥିଲା। ତେବେ ପ୍ରକଳ୍ପ ଗୁଡ଼ିକର



କ୍ରିୟାନ୍ୱୟନରେ ସେମାନଙ୍କୁ ଅଣଦେଖା କରାଯାଉଥିବା ନେଇ ବିଜୁ ଜନତା ଦଳ ସମର୍ଥନରେ ବିଜୟୀ ହୋଇଥିବା ସରପଞ୍ଚ ଓ ସମିତି ସଭ୍ୟ ଅଭିଯୋଗ କରିଥିଲେ। ଏହାପରେ ସେମାନେ ଧାମନଗର ବିଡିଓ, ଭଦ୍ରକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଧାମନଗର ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଖପରପଦା ସମିତି ସଭ୍ୟ ଭାରତ ବିଜୟ ଦଲାଇ ଓ ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି ଏନେଇ ଓଡ଼ିଶା ହାଇକୋର୍ଟରେ ଆବେଦନ କରିଥିଲେ। କେଶ୍ ନଂ ୫୭୧/୨୦୨୫ରେ ହୋଇଥିବା ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ଆର୍‌କେ ପଟ୍ଟନାୟକ ପ୍ରକଳ୍ପ କାମ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂପର୍କରେ ଧାମନଗର ବିଡିଓ, ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ମଧ ଜଣାଇ ଦିଆଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ କାମ ଚାଲିଛି। ବିଶେଷ କରି ମୁସ୍ତଫାପୁର, ଦୋବଲ, ସୋହଡ଼ା ପଞ୍ଚାୟତରେ ଅଧିକାଂଶ ସ୍ଥାନରେ କାମ ଚାଲିଥିବା ଦେଖିବାକୁ ମିଳିଛି। ସେପଟେ ଏଭଳି ଅଭିଯୋଗକୁ ଧାମନଗର ବିଡିଓ ବନବିହାରୀ ଦିନ୍ଦା ଅସ୍ୱୀକାର କରିଛନ୍ତି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଅସୁରାଳି,୧୭ ।୧(ସମିସ):** ଧାମନଗର ବ୍ଲକ ଅଧୀନ ନଦିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଏକ ସଭା ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ନିରଞ୍ଜନ ମାଝୀ, ଏସଏମ ଡିସିର ବରିଷ୍ଠ ସଦସ୍ୟ ଦୟାନିଧି ମିଶ୍ର, ଆଲୁମିନି ସଭାପତି ସୁଶାନ୍ତ ସାହୁ, ପୂର୍ବତନ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ଖିଲାର, ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ସୂତାର, ନଦିଗାଁ ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ଶିବ ଚରଣ ମଲ୍ଲିକ, ନଦିଗାଁ କ୍ଲଷ୍ଟ ସିଆର୍‌ସିସି ଅଭୟ ସାହୁ ପ୍ରମୁଖ।ଏହି କ୍ରୀଡ଼ାକୁ ପରିଚାଳନା କରିଥିଲେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୀପକ ରଞ୍ଜନ ପଣ୍ଡା ଏବଂ ସହଯୋଗ କରିଥିଲେ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଶ୍ୱଜିତ ଦାସ, ଅତୁଲ୍ୟ ପ୍ରଧାନ, ମୃତୁଞ୍ଜୟ ମହାନ୍ତି, ଅଜିତ ପଣ୍ଡା, ଶିକ୍ଷୟତ୍ରୀ ଇତିଶ୍ରୀ ପରିଡା, ଗୀତି ସ୍ନିଗ୍ଧା ସାହୁ, ରାଜଲକ୍ଷ୍ମୀ ପଣ୍ଡା, ବୀଣାପାଣି ଖୁଣ୍ଟିଆ, ସଂଘମିତ୍ରା ଘଡ଼େଇ, ଶିକ୍ଷା କର୍ମଚାରୀ ଜଗନ୍ନାଥ ପାଗଳ, ଅକ୍ଷୟ କୁମାର ପଣ୍ଡା ଆଦି ଏହି କ୍ରୀଡା ଉତ୍ସବକୁ ସମ୍ପାଦନ କରିଥିଲେ।

## କେନାଲ ରାସ୍ତାରେ ଗର୍ତ୍ତ



**ବାରିକପୁର,୧୭ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପଟ୍ଟା ପୋଲ ବଜାର ଠାରୁ ବେଲଗଡିଆ ଓ ନୂଆ ପୋଖରୀ କୁ ସଂଯୋଗ କରୁଥିବା କେନାଲ ରାସ୍ତାରେ ଗର୍ତର୍ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ତିନି ନମ୍ବର କେନାଲ ରାସ୍ତାଟି ଜଳସମ୍ପଦ ବିଭାଗ ହାତରେ ରହିଥିବା ବେଳେ କିଛି ବର୍ଷ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହା ଉପରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରିଛି। ପ୍ରଥମ ପର୍ଯ୍ୟାୟ ରାସ୍ତା ନିର୍ମାଣ ପରେ ଦ୍ୱିତୀୟ ଥର ପାଇଁ ମଧ ଏହାର ନବିକରଣ କାର୍ଯ୍ୟ ଗତ କିଛି ମାସ ହେବ ଶେଷ ହୋଇଛି। ଏହାରି ଭିତରେ କେନାଲ ରାସ୍ତାର କଟରାଗଡିଆ ଛକ ନିକଟରେ ଏକ ବିପଦପୂର୍ଣ୍ଣ ଗର୍ତ ସୃଷ୍ଟି ହୋଇଛି। ଗର୍ତ ନିକଟ ଦେଇ ସାଇକେଲ ଓ ମୋଟରସାଇକେଲ ଆରୋହୀ ମାନେ ଯାତାୟାତ କରିବା ପାଇଁ ସୁରକ୍ଷିତ ମଣୁ ନାହାନ୍ତି। ଏପରିକି ଗୋରୁଗାଇ ମାନେ ଏବେ ଚାରଣ ପାଇଁ ଚାଷ ଜମିକୁ ଆସୁଥିବା ବେଳେ କେତେବେଳେ ଯେ କିଏ ଏହି ସୃଷ୍ଟି ହୋଇଥିବା ଖଣାଗାଡରେ ପଡ଼ି ଆହତ ହେବେ କହିହେବ ନାହିଁ। ଦିନକୁ ଦିନ ଗର୍ତ ଟିର ପରିସୀମା ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ତେଣୁ ଏହାକୁ ତୁରନ୍ତ ମରାମତି ପାଇଁ ଦାବି ହୋଇଛି।

## ଛାତ୍ରୀଙ୍କୁ ସମ୍ମାନିତ

**ଭଦ୍ରକ,୧୭ ।୧(ସମିସ):** ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବ୍ରତୀ ମହାପାତ୍ର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି। ପୂର୍ବରୁ ମଧ ସେ ତୃତୀୟ ଶ୍ରେଣୀରେ ବତ୍ତି ପାଇଥିଲେ। ବ୍ରତୀ ହେଉଛନ୍ତି ନରିପୁର(ଅସ୍ଥଳ) ସ୍ଥିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉଜ୍ୱଳିନୀ ମହାପାତ୍ର ଓ ଗଣେଶ ମହାପାତ୍ରଙ୍କ ନାତୁଣୀ। ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଛି।

## ମଦ୍ରାସାରେ ଇସ୍‌ଲାହେ ମୁଆଶ୍‌ରା ସମ୍ମିଳନୀ



**ଭଦ୍ରକ,୧୭ ।୧(ସମିସ):** ଭଦ୍ରକ ସହର କଣ୍ଟାବଣିଆ ଗ୍ରାମସ୍ଥିତ ମଦ୍ରାସା ଫୈଯାନେ ଗରୀବ ନୱାଜଠାରେ 'ଫୈଯେ ରଯା ଏଜୁକେଶନଲ ଏଣ୍ଡ ୱେଲ ଫେୟାର ଟ୍ରଷ୍ଟ' ଆନୁକୂଲ୍ୟରେ ଟ୍ରଷ୍ଟର ସଭାପତି ଶେଖ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱରେ 'ଇସ୍‌ଲାହେ ମୁଆଶରା କନ୍‌ଫ୍ରେନ୍ସ' ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ହାଫିଜ ଓ କାରୀ ଗୌଲାମଗୌଶ କୋରାନ ପାଠରୁ ଏବଂ ଟ୍ରଷ୍ଟର ସଦସ୍ୟ ସେଖ ଅବଦୁଲ ବାରୀଙ୍କ ସଞ୍ଚାଳନରୁ ଆରମ୍ଭ ହୋଇଥିଲା। ଏହି ସଭାରେ ମଦ୍ରସାରେ ଅନୁଷ୍ଠିତ ହୋଇଥିବା ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ଫୁଲତୋଳା, ଉପହାର ଓ ପ୍ରମାଣପତ୍ରମାନ ମୁଖ୍ୟ ଅତିଥି ହଜରତ ଅଲ୍ଲାମା ଓ ମୌଲାନା ମହମ୍ମଦ ଶାକିର ନୁରୀ (ମୁମ୍ବାଇ) ଓ ମୌଲାନା ଅବଦୁଲ ଅଜିଜ (ମୁମ୍ବାଇ)ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମୌଲାନା (ପଣ୍ଡିତ) ଓ ସାଏର (କବି)ଙ୍କ ନୀତିବାଣି ଶୁଣିବା ପାଇଁ ଅର୍ଦ୍ଧରାତ୍ରୀ ପର୍ଯ୍ୟନ୍ତ ଶ୍ରୋତାମାନେ ଉପସ୍ଥିତ ରହି ଥିଲେ। ମଦ୍ରସା ଫୈଯାନେ ଗରିବ୍ ନୱାଯର ଉପସଭାପତି ସେଖ ମୋଇନୁଦ୍ଦିନ, ସଂପାଦକ ସେଖ ସାହିଦ ରଫିକ, ସହ ସଂପାଦକ ମହମ୍ମଦ ଅବଦୁଲ ରହିମ, କୋଷାଧ୍ୟକ୍ଷ ଅବଦୁଲ ଆବିଦ ଖାନଙ୍କ ସହିତ ସାହାଜାନ ଖାନ, ସେଖ ଆଶିକ, ଇସ୍ତାକ ଖାନ, ସେଖ ଇଜାଜ ଅହେମଦ, ସେଖ ଅହେସାନ, ସେଖ ସଲାଉଦ୍ଦିନ, ସେକ ଫକରେ ଆଲମ, କମରୁଦ୍ଦିନ ଖାନ ପ୍ରମୁଖ ଧର୍ମସଭାକୁ ପରିଚାଳନା କରିଥିଲେ ଏବଂ ଉକ୍ତ ଗାଁର ମୁରବୀମାନେ ଉପସ୍ଥିତ ରହିଥିଲେ।

## ଶୁଭମ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର



**ତିହିଡି,୧୭ ।୧(ସମିସ):** ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ତଥା ତିହିଡି ବ୍ଲକର ଈଶ୍ୱରପୁର ଠାରେ ବିରାଜମାନ କରିଥିବା ମା' ଦପାନାୟକାଣୀଙ୍କ ପୀଠରେ ପବିତ୍ର ମକର ପର୍ବ ଅବସରରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ତ୍ରିଦିବସିୟ ଦିବାରାତ୍ର ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସଂଗଠନର ସଭାପତି ହୃଷୀକେଶ ବାରିକ ଓ ମୁଖ୍ୟ ସଂଯୋଜକ ଆନନ୍ଦ ଚନ୍ଦ୍ର ବେହେରା ନେତୃତ୍ୱରେ ୧୫ ଜଣିଆ ସ୍ୱେଚ୍ଛାସେବୀ ଦଳ ମା'ଙ୍କ ପୀଠରେ ପହଞ୍ଚି ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ବିଜୟ ପଣ୍ଡା, ସମାଜସେବୀ ଗୋଲକ ଚନ୍ଦ୍ର ସାମଲ, ଫାର୍ମାସିଷ୍ଟ ଜ୍ୟୋତି ପ୍ରକାଶ ମହାନ୍ତି, ସତ୍ୟଶ୍ରୀ ନାୟକ, ଭଗବାନ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗ ଦେଇ ୩ଦିନ ଧରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୧୮୫୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା। ଏହି ୩ ଦିନିଆ ମେଗା ସ୍ୱାସ୍ଥ୍ୟସେବା ଶିବିରକୁ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ୩ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗଠନ ର ସମ୍ପାଦକ ନରେନ୍ଦ୍ର ସାମଲ, ଉପ ସଭାପତି ଆନନ୍ଦ ଚନ୍ଦ୍ର ପଲ୍ଲାଇ, ସନାତନ ଜେନା. ଦେବେନ୍ଦ୍ର ଭଞ୍ଜ, ରାଜା ଉପାଧ୍ୟାୟ ପ୍ରମୁଖ ପରିଚାଳନା କରିଥିଲେ।

## କଲ୍ୟାଣମଣ୍ଡପ ନିର୍ମାଣରେ ଅନିୟମିତତା

# ଖାତା ଓ ପ୍ଲଟ ନମ୍ବରରେ ତଞ୍ଚକତା

**ବନ୍ତ/ଆଗରପଡ଼ା,୧୭।୧(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ରାଉତରାପୁର ଗ୍ରାମର ସୁବର୍ଣ୍ଣେଶ୍ୱର ଠାରେ ୧୦ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ୫ମ ଏସ୍‌ଏଫସି, ୨୦୨୩-୨୪(ଜିଆଇଏ) ଯୋଜନାରେ ଏକ କଲ୍ୟାଣମଣ୍ଡପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ମାଣରେ ଅନିୟମିତତା ହୋଇଥିବା ଖବର ପ୍ରକାଶକୁ ଇତି ମଧ୍ୟରେ ୧୦ ଦିନ ବିତି ଯାଇଥିବା ବେଳେ ବିଭାଗପକ୍ଷରୁ ତଦନ୍ତ କରାଯିବାର ପ୍ରତିଶ୍ରୁତି କାଗଜକଲମରେ ସୀମିତ ରହିଥିବା ବେଳେ ଉକ୍ତ ନିର୍ମାଣାଧୀନ କଲ୍ୟାଣମଣ୍ଡପ ନିର୍ମାଣରେ ତଞ୍ଚକତାର ଏକ ନୂତନ ତଥ୍ୟ ସାମ୍ନାକୁ ଆସିଛି। ଯାହାକି ତଦନ୍ତ ପରିସରଭୁକ୍ତ। ପୂର୍ବ ଅଭିଯୋଗ ଅନୁଯାୟୀ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ବିଟିପୁର ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ କଲ୍ୟାଣମଣ୍ଡପ ପ୍ରକଳ୍ପଟି ବିଟିପୁର ପଞ୍ଚାୟତର ହୋଇଥିବା ବେଳେ ଏହା ମହାନ୍ତିପଡ଼ା ପଞ୍ଚାୟତର ଜାଗାରେ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। କୋ÷ଣସି ପ୍ରକଳ୍ପ ନିର୍ମାଣ ହେବା ପୂର୍ବରୁ ଜାଗା ନିରୁପଣ



କରାଯାଇ ଉକ୍ତ ଜାଗା ପ୍ରକଳ୍ପ ନିର୍ମାଣ ପାଇଁ ଉପଯୁକ୍ତ କି ନୁହେଁ ତାହାର ସବିଶେଷ ତଥ୍ୟ ତହସିଲରୁ ପ୍ରାପ୍ତ କରାଯିବା ଜରୁରୀ।

ସୂଚନା ଅନୁଯାୟୀ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ରାଉତରାପୁର ଗ୍ରାମରେ ଖାତା ନଂ ୮୦୬/୧୦୯ ଓ ପ୍ଲଟ ନଂ ୬୩୨ ଏଓ୦୫ରୁ ଏଓ ୦୪, କିସମ-ପତିତରେ ସୁବର୍ଣ୍ଣେଶ୍ୱର କଲ୍ୟାଣମଣ୍ଡପ ପ୍ରକଳ୍ପ ନିର୍ମାଣ ନିମନ୍ତେ ରାଜସ୍ୱ ନିରୀକ୍ଷକ ଫିଜିବିଲିଟି ରିପୋର୍ଟ ପ୍ରଦାନ କରିଛନ୍ତି। କିନ୍ତୁ ଏହା ମହାନ୍ତିପଡ଼ା ପଞ୍ଚାୟତ ଅନ୍ତର୍ଗତ ମହାନ୍ତିପଡ଼ା-୧ଗ୍ରାମର ଖାତା ନଂ ୮୧୬ ଓ ପ୍ଲଟ ନଂ ୩୩୩୦, ଏରିଆ(ହେ)୦.୦୯୭, ଏରିଆ(ଏକର)୦.୨୪୦, ଆବାଦ ଯୋଗ୍ୟ ଅନାବାଦୀ (ପତିତ)ଉପରେ ନିର୍ମାଣ ହେଉଛି। ତେଣୁ ଏଥିରୁ ଖାତା ଓ ପ୍ଲଟ ନଂ.ରେ ତଞ୍ଚକତା କରାଯାଇଥିବା ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ଜନକଲ୍ୟାଣ ନିମନ୍ତେ ନିର୍ମାଣ କରାଯାଉଥିବା ପ୍ରକଳ୍ପରେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଏହିପରି ଅନିୟମିତତାରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଏହିପରି ଅନିୟମିତତା ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଶାଳଣିଆଁରେ ଶାନ୍ତି ପ୍ରତିଷ୍ଠା ପାଇଁ ବୈଠକ

# ପୁଲିସ ଗାଡ଼ିକୁ ଟେକାମାରି ୨ ଗିରଫ

ସୋସୋ, ୧୭।୧(ସମିସ): ହାଟଡିହୀ ବ୍ଲକର ଶାଳଣିଆଁ ଅଞ୍ଚଳରେ ଗୋଷ୍ଠୀ କନ୍ଦଳରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ଓ ବଜାର କମିଟିର କିଛି ସଦସ୍ୟଙ୍କୁ ନେଇ ଏକ ଶାନ୍ତି ବୈଠକ ନନ୍ଦିପଦା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଥାନା ଅଧିକାରୀ ରବିନ୍ଦ୍ର ପାତ୍ର ଉପସ୍ଥିତ ଥିବାବେଳେ ଶାଳଣିଆଁ ଅଞ୍ଚଳର ଅମରବର ସେଠୀ, ଯୋଗେନ୍ଦ୍ର ବେହେରା, ମହେନ୍ଦ୍ର ସାହୁ, ବିରେନ୍ ବିଶ୍ୱାଳ, ରମାକାନ୍ତ ଦ୍ୱିବେଦୀ, ମାନସ ରଞ୍ଜନ ବେହେରା, ଭୀମସେନ ଜେନା, ଅଭିମନ୍ୟୁ ଜେନା, କମଳାକାନ୍ତ କବି, ଦିବ୍ୟରଞ୍ଜନ ଆଦି ବହୁ ଭଦ୍ରବ୍ୟକ୍ତ ଉପସ୍ଥିତ ରହି ଆଗାମୀ ଦିନରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ କରିବେ ବୋଲି ଲିଖିତ ଜଣାଇଛନ୍ତି। ୩୦ ଦିନ ଭିତରେ ଶାନ୍ତିକମିଟି ଗଠନ କରି ଶୃଙ୍ଖଳା ରକ୍ଷା କରିବେ ବୋଲି ନିଷ୍ପତି ନିଆଯାଇଥିବା ଜଣାଯାଇଛି। ଅନ୍ୟପଟେ ନନ୍ଦିପଦା ପୁଲିସ ଶାଳଣିଆ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ କିଛି ଯୁବକ ପୁଲିସ ଗାଡିକୁ ଟେକା ପଥର ମାରିଥିଲେ। ଏହାକୁ ନେଇ ପୁଲିସ ନିଜ ପକ୍ଷରୁ କେସ୍ ନଂ ୧୪ରେ ଏକ ମାମଲା ରୁଜୁକରି ୫ ଜଣଙ୍କ ନାମରେ ମକଦ୍ଦମା ରୁଜୁ କରିବା ସହିତ ସେଥି ମଧ୍ୟରୁ ୨ଜଣ ମାନସ କୁଅଁର ଓ ଟୁକୁନୁ ବେହେରାଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।

## ସମସ୍ୟାରେ ଜର୍ଜରିତ ବେଲବାହାଳି

# ବିପଦ ସଂକୁଳ ପୁରୁଣା କୁସେଇ ସେତୁ

ବେଲବାହାଳି,୧୭।୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ସମେତ ୫ଟି ପଞ୍ଚାୟତର ଅଧିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରପଞ୍ଚ, ୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଏବଂ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସତ୍ତ୍ୱେ ମଧ ଏ ପର୍ଯ୍ୟନ୍ତ ଗୋଟିଏ ବି ଦାବିପୂରଣ ହୋଇପାରୁନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କେନ୍ଦୁଝର ଜିଲ୍ଲାର ବେଲବାହାଳି ବଜାର ଅଞ୍ଚଳ ମୁଖ୍ୟ ପେଣ୍ଠସ୍ଥଳୀ କହିଲେ କିଛି ଅତୁକ୍ତି ହେବନାହିଁ। ଏହି ବଜାର ଅଞ୍ଚଳରେ ପ୍ରାୟ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ। ପରିତାପର ବିଷୟ ଦୀର୍ଘ ୧୦ ବର୍ଷ ଧରି ବିବାଦ ମଧ୍ୟରେ ଥିବା ପୁରୁଣା କୁସେଇ ସେତୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ୨୦ନଂ ଜାତୀୟ ରାଜପଥରେ ନୂତନ କୁସେଇ ସେତୁ ନିର୍ମାଣ ହେବା ପରେ ପ୍ରଶାସନ ପକ୍ଷରୁ ପୁରୁଣା ସେତୁ ତଳେ ଗୋଟିଏ ନୂତନ ସେତୁ ନିର୍ମାଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ନାମା ହୋଇଥିଲା। ଦୁଃଖର ବିଷୟ ନୂତନ ସେତୁ ଉପରେ ଯାନବାହାନ




ଚଳାଚଳ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୁଣା ସେତୁ କୁ ଗୁରୁତ୍ୱ ଦିଆଯାଉନଥିବା ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଯାହାଫଳରେ ପୁରୁଣା ସେତୁର ବାଡା ରକ୍ଷଣା ବେକ୍ଷଣ ଅଭାବରୁ ଦିନକୁ ଦିନ ଭାଙ୍ଗି ଖସି ପଡୁଛି। ସେତୁ ଉପରେ ଚଳାଚଳ କରୁଥିବା ଜନସାଧାରଣଙ୍କ ସମେତ ଗାଈ ଗୋରୁ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଅନ୍ୟପଟେ ୨୦ ନଂ. ଜାତୀୟ ରାଜପଥରୁ ବେଲବାହାଳି ବଜାର ରାସ୍ତାକୁ ଭିଆଇପି ରୋଡ୍ ନିର୍ମାଣ ସହିତ ଆଲୋକୀ କରଣ ବ୍ୟବସ୍ଥା, ବେଲବାହାଳିରେ ଏକ ନୂତନ ବସ୍‌ଷ୍ଟପ ନିର୍ମାଣ, କୁସେଇ ନଦୀକଡ଼ରେ ଆଡ଼ିବନ୍ଧ ତିଆରି, କୁସେଇ ସେତୁ ବିବାଦରେ ହୋଇଥିବା ସମସ୍ତ କେସ୍ ପ୍ରତ୍ୟାହାର ଏବଂ ବେଲବାହାଳି ଏକ ଜନ ବହୁଳ ଗ୍ରାମ ସହ ଆଖପାଖ ଜନସାଧାରଣ ମାନଙ୍କ ପାଇଁ ଏକ ୧୦ ଶଯ୍ୟା ବିଶିଷ୍ଟ ଏଲୋପାଥି ଡାକ୍ତରଖାନା ପାଇଁ ଅନୁମତି ପ୍ରଦାନ ଆଦି ରହିଛି। ସେହିପରି ବେଲବାହାଳି ଗ୍ରାମର କିମ୍ପୀରା ସାହିରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ କୁନି କୁନି ଛାତ୍ରଛାତ୍ରୀ ପ୍ରାୟ ୩ କିଲୋମିଟର ଡିହସାହି ପର୍ଯ୍ୟନ୍ତ ଜଙ୍ଗଲ ରାସ୍ତା ଦେଇ ଚାଲି ଯାଉଥିବା ଚିତ୍ର ସାମ୍‌ନାକୁ ଆସୁଛି। ଯାହାଦ୍ୱାରା ବହୁ ସମୟରେ କୁକୁର ଏବଂ ଜୀବଜନ୍ତୁ ଯୋଗୁଁ ଭୟରେ ଅଙ୍ଗନବାଡ଼ି କେନ୍ଦ୍ର ଯାଇପାରୁନାହାନ୍ତି। ଏ ସବୁ ଦାବିଗୁଡିକୁ ଖୁବଶୀଘ୍ର ପୂରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଉଦ୍ୟାନ କୃଷି ବିଭାଗର ସଂସଦ ପ୍ରତିନିଧି ଅନାଦି ଚରଣ ସାହୁ, ବେଲବାହାଳି ସରପଞ୍ଚ ଦୀପ୍ତି ସାହୁ ଏବଂ ୩ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଅସୀମା ମିଶ୍ରଙ୍କ ସମେତ ଗ୍ରାମବାସୀ ଦାବୀ ଜଣାଇଛନ୍ତି।

## ଗଁପୁର ରଘୁନାଥଜିୟୁ ମକର ମେଳା ଜମୁଛି

# ପାହାଡ଼ଚଢ଼ା ସାଙ୍ଗକୁ ରାମଶିଳା ଦର୍ଶନ

**ରାମଚନ୍ଦ୍ରପୁର,୧୭ ।୧(ସମିସ):** ଜମୁଛି ଗଁପୁର ରଘୁନାଥଜିୟୁ ମକର ମେଳା। ଅପରାହ୍ନରେ ମେଳା ପରିସର ଜନସମୁଦ୍ରରେ ପରିପୂର୍ଣ୍ଣ ହେଉଛି। ହଜାର ହଜାର ସଂଖ୍ୟାରେ ମହିଳା ପୁରୁଷ ଶ୍ରଦ୍ଧାଳୁ ୨୫୬ ପାହାଚ ଚଢ଼ି ମହାପ୍ରଭୁ ଶ୍ରୀରଘୁନାଥଜିୟୁଙ୍କୁ ଦର୍ଶନ କରିବା ସହ ଦିବ୍ୟ ରାମଶିଳା ଦର୍ଶନ କରି ସୌଭାଗ୍ୟ ଲାଭକରି ପାହାଡ଼ ଉପରୁ ପ୍ରକୃତିର ଅପରୁପ ଶୋଭା ଉପଭୋଗ କରୁଛନ୍ତି। ଆନନ୍ଦପୁର ସଦର ମହକୁମା ଠାରୁ ୨୦ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱର ଯିବା ବାଟରେ ମାତ୍ର ୧୫ କିଲୋମିଟର ଅତିକ୍ରମ ପରେ କେନ୍ଦୁଝର-ଯାଜପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳ ଜରଦା ଛକ, ସେଠାରୁ ମାତ୍ର ୩କିମି ପଶ୍ଚିମ ଦିଗରେ ଅବସ୍ଥିତ ଗଁପୁର ରଘୁନାଥଜିୟୁ ମକର ମେଳା। ସ୍ଥାନୀୟ କଜ୍ୱଳେଇ ପାହାଡ଼ ଉପରେ ରଘୁନାଥଜିୟୁଙ୍କ ଭବ୍ୟ ମନ୍ଦିର, ପାଦଦେଶରେ ମକର ଉତ୍ସବ, ମକର ସଂକ୍ରାନ୍ତି ଠାରୁ ମେଳା ସାତ ଦିନ ଧରି ଚାଲିବାକୁଥିବା ବେଳେ ଦୁଇ ଶହରୁ ଊର୍ଦ୍ଧ୍ୱ ଷ୍ଟଲ ଲାଗିଛି। ବିଭିନ୍ନ ଘରକରଣା ଜିନିଷ ସାଙ୍ଗକୁ ଦୋଳି, ମୀନାବଜାର, ଚାର୍ଟ ଠୁଙ୍କାପୁରୀ, ମଥୁରାକେକ୍



ସହ ଆଇସକ୍ରିମର ମଜା ଉଠାଉଛନ୍ତି ସ୍ଥାନିୟ ଦର୍ଶକ। ମେଳା ସାତ ଦିନ ଧରି ଚାଲିବାକୁ ଥିବା ବେଳେ ମନ୍ଦିରରେ ପ୍ରତ୍ୟେହ ହୋମଯଜ୍ଞ ସହ ମାନସ ପାରାୟଣ ସମ୍ପନ୍ନ ହେଉଛି। ପୂଜକ ରବିନ୍ଦ୍ର ଦାସ ଦିଅଁଙ୍କ ନୀତିକାନ୍ତି ନିଷ୍ଠାର ସହକାରେ ସମ୍ପାଦନ କରୁଛନ୍ତି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ୧୪ ବର୍ଷରୁ କମ୍ ପିଲାମାନଙ୍କୁ ନେଇ ମକର ମେଳା ସାଂସ୍କୃତିକ ମଞ୍ଚରେ ସଂଗୀତ ଏବଂ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଦର୍ଶକଙ୍କ ଭିଡରେ କୁନିକୁନି ପିଲା ନୃତ୍ୟ ପରିବେଷଣ କରୁଛନ୍ତି। ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ରାମଚନ୍ଦ୍ରପୁର ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷରେ ସ୍ୱାସ୍ଥ୍ୟ କର୍ମୀଙ୍କୁ ଆଲର୍ଟରେ ରଖାଯାଇଛି।

## ସର୍ବଭାରତୀୟ କେଶଦୁରାପାଳ ଟି-୨୦ କ୍ରିକେଟ୍

# ଫାଇନାଲରେ ରାଉରକେଲା- ଭଦ୍ରକ ମୁହାଁମୁହିଁ

ରାମଚନ୍ଦ୍ରପୁର,୧୭ ।୧(ସମିସ)

ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ସର୍ବଭାରତୀୟ ନମ୍ବର ୱାନ୍ ଟି-୨୦ ଡିଉଜ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କଲିକତାକୁ ହରାଇ ୟୁନିକ୍ କ୍ରିକେଟ୍ କ୍ଲବ୍, ଭଦ୍ରକ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ୟୁନିକ୍ କ୍ରିକେଟ୍ କ୍ଲବ୍, ଭଦ୍ରକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ ହରାଇ ୨୦୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ କଲିକତା ଏକାଦଶ ୧୫.୫ ଓଭରରେ ସମସ୍ତ ୱିକେଟ୍ ହାରାଇ ମାତ୍ର ୧୩୬ରନ୍ କରି ପରାଜୟ ବରଣ କରିଥିଲା। ଫଳରେ ୟୁନିକ୍ କ୍ରିକେଟ୍ କ୍ଲବ୍ ଭଦ୍ରକ ମ୍ୟାଚ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି।



ତେବେ ଆସନ୍ତା ରବିବାର ୟୁନିକ୍ କ୍ରିକେଟ୍ କ୍ଲବ୍ ଭଦ୍ରକ ବନାମ ଆସୁ ଏକାଦଶ ରାଉରକେଲା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜି ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଅତିଥି ଭାବେ ବ୍ରାହ୍ମଣୀପାଳ ଜୟ ବଜରଙ୍ଗ ବାଲି ଟ୍ରକ୍ ଆସୋସିଏସନ୍‌ର ସଭାପତି ଇଞ୍ଜିନିୟର ଦୀପକ୍ ଜେନା ଯୋଗଦେଇ ଖେଳାଳି, ଆୟୋଜିତ କମିଟି ସଦସ୍ୟ ଓ କ୍ରିକେଟ୍ ଖେଳ ପ୍ରେମୀ ଦର୍ଶକମାନଙ୍କୁ ଉତ୍ସାହିତ କରିଥଲେ। ମ୍ୟାଚ ପରିଚାଳନାରେ ଅମ୍ପାଆର ଭାବେ ରାଜେନ୍ଦ୍ର ପୋଥାଳ, ସନ୍ତୋଷ ଜେନା, ସ୍କୋର ବୋର୍ଡରେ ଦେବାଶିଷ ମହାରଣା, ଶ୍ରୀଧର ସାହୁ, ସମୀର ଆଚାର୍ଯ୍ୟ ଏବଂ ଧାରା ବିବରଣୀରେ ଜିତେନ୍ଦ୍ର ମିଶ୍ର, ସ୍ମୃତିରଞ୍ଜନ ବିହାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କେଶଦୁରାପାଳ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

